

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୦ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 10 December 2024

Vol.No. 35 ■ No.328 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସଂସଦରେ ଉପସ୍ଥାପନ ହେବ 'ଗୋଟିଏ ଦେଶ: ଗୋଟିଏ ନିର୍ବାଚନ' ବିଲ୍



ନୂଆଦିଲ୍ଲୀ, ୦୯/୧୨ : ଡିସେମ୍ବର ୨୦ରେ ଶୀତ ଅଧିବେଶନ ସରିବାକୁ ଥିବା ବେଳେ ସରକାର ଏହା ପୂର୍ବରୁ ଏହି ବିଲକୁ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି । ସଂସଦର ଶୀତ ଅଧିବେଶନ ଚାଲିଥିବା ବେଳେ କେନ୍ଦ୍ର ସରକାର ଗୃହରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ଆଗତ କରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ଡିସେମ୍ବର ୨୦ରେ ଶୀତ ଅଧିବେଶନ ସରିବାକୁ ଥିବା ବେଳେ ସରକାର ଏହା ପୂର୍ବରୁ ଏହି ବିଲକୁ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି । ଗୋଟିଏ ଥରରେ ପୂରା ଦେଶରେ ଉଭୟ ଲୋକସଭା ଓ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ କରିବାକୁ ବିଲ୍‌ରେ ବ୍ୟବସ୍ଥା ହୋଇଛି । ଏହାକୁ ବାସ୍ତବ ରୂପ ଦେବାକୁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କରାଯାଇଥିଲା । କମିଟି ରିପୋର୍ଟ ଦେବା ପରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ଅନୁମୋଦନ ଦେଇଥିଲା । ଏବେ ସରକାର ଏହାକୁ ସଂସଦରେ ଉପସ୍ଥାପନ କରିବାକୁ ଯାଉଛନ୍ତି । ଲୋକସଭାରେ ଏହାକୁ ଆଗତ କରି ସରକାର ବିସ୍ତୃତ ଆଲୋଚନା ପାଇଁ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି ବା ଜେପିସି ନିକଟକୁ ପଠାଇବେ । ଜେପିସିରେ ଥିବା ସବୁ ରାଜନୀତିକ ଦଳର ସଦସ୍ୟ ଏହା ଉପରେ ବିସ୍ତୃତ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ । ସେହିପରି ଚୂଡ଼ାନ୍ତ ବିଲ ପୁଣି ଗୃହରେ ଉପସ୍ଥାପନ କରାଯିବା ପୂର୍ବରୁ ସରକାର ବିଭିନ୍ନ ଅଂଶୀଦାରଙ୍କୁ ମଧ୍ୟ ସାମିଲ କରିବାକୁ ଯୋଜନା କରିଛନ୍ତି । ବୁଦ୍ଧିଜୀବୀ, ବିଶେଷଜ୍ଞ, ସାମାଜିକ ସଂସ୍ଥାର ସଦସ୍ୟ ଓ ସମସ୍ତ ରାଜ୍ୟର ବିଧାନସଭା ବାଚସ୍ପତିମାନେ ମଧ୍ୟ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ଉପରେ ନିଜର ମତ ରଖିବେ । ଅତିରିକ୍ତ ଭାବେ ବିଲ୍‌କୁ ଆଇନରେ ପରିଣତ କରିବା ପୂର୍ବରୁ ସରକାର ସାଧାରଣ ଲୋକଙ୍କ ମତ ମଧ୍ୟ ନେବେ । ସରକାର ସମସ୍ତଙ୍କୁ ସାମିଲ କରି 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବ୍ୟବସ୍ଥା ଲାଗୁ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ସଞ୍ଜୟ ମାଲହୋତ୍ରା ହେବେ ଆରବିଆଇ ନୂଆ ଗଭର୍ଣ୍ଣର



ନୂଆଦିଲ୍ଲୀ, ୦୯/୧୨ : ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ)ର ନୂଆ ଗଭର୍ଣ୍ଣ ଭାବେ ନିଯୁକ୍ତି ପାଇଛନ୍ତି ସଞ୍ଜୟ ମାଲହୋତ୍ରା । ବର୍ତ୍ତମାନ ଦେଶର ରାଜସ୍ୱ ସଚିବ ଭାବେ କାମ କରୁଥିବା ସଞ୍ଜୟ ଆସନ୍ତା ବୁଧବାର ୧୧ତାରିଖରୁ ଆରବିଆଇର ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିବେ । ଆରବିଆଇ ଗଭର୍ଣ୍ଣର ଭାବେ ଏବେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ କାର୍ଯ୍ୟ କରୁଛନ୍ତି । ତାଙ୍କ କାର୍ଯ୍ୟକାଳ ଆସନ୍ତାକାଲି ଶେଷ ହେଉଛି । ସେ ୨୦୧୮ରୁ ଆରବିଆଇ ଗଭର୍ଣ୍ଣର ଭାବେ କାର୍ଯ୍ୟ କରି ଆସୁଥିଲେ । ଏବେ ତାଙ୍କ ସ୍ଥାନରେ ଆସନ୍ତା ୩ ବର୍ଷ ପାଇଁ ସଞ୍ଜୟ ଆରବିଆଇ ଗଭର୍ଣ୍ଣର ଭାବେ କାମ କରିବେ । ସଞ୍ଜୟ ହେଉଛନ୍ତି ୧୯୯୦ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡର ଆଇଏଏସ । ପ୍ରଶାସନିକ ସେବାରେ ତାଙ୍କରେ ଯଥେଷ୍ଟ ଅଭିଜ୍ଞତା ରହିଛି । ସେ ୩୩ ବର୍ଷ ଧରି ପ୍ରଶାସନିକ କାର୍ଯ୍ୟ କରି ଚାଲିଛନ୍ତି । ଆଇଆଇଟି କାନପୁରରୁ କମ୍ପ୍ୟୁଟର ସାଇନ୍ସରେ ଗ୍ରାଜୁଏଟ ହୋଇଥିବା ଶ୍ରୀ ମାଲହୋତ୍ରା ଲୋକ ନୀତି ବିଷୟ ବସ୍ତୁରେ ମାଷ୍ଟର ଡିଗ୍ରୀ ଆମେରିକାର ପ୍ରିନ୍ସଟନ ବିଶ୍ୱ ବିଦ୍ୟାଳୟରୁ ହାସଲ କରିଛନ୍ତି । ଦେଶର ରାଜସ୍ୱ ସଚିବ ଭାବେ ନିଯୁକ୍ତି ପାଇବା ପୂର୍ବରୁ ସେ ଅର୍ଥନୀତି ସେବାର ସଚିବ ଭାବେ କାମ କରୁଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସେ ଅର୍ଥ ଏବଂ ଟିକସ ବ୍ୟବସ୍ଥା ସହ କାର୍ଯ୍ୟ କରିବର ଅଭିଜ୍ଞତା ରଖିଛନ୍ତି । ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ବ୍ୟବସ୍ଥାକୁ ଅଧିକ ଶାଣିତ କରିବାରେ ମାଲହୋତ୍ରା ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୁହାଯାଏ ।

## ଭିଜିଲାନ୍ସ ଜାଲରେ ଖଣ୍ଡଗିରି ସବ ରେଜିଷ୍ଟର ଅଫିସର କନିଷ୍ଠ କିରାଣୀ



ଭୁବନେଶ୍ୱର, ୦୯/୧୨ (ନି.ପ୍ର): ଲାଂଚ ନେବା ବେଳେ ମାଡି ବସିଲା ଭିଜିଲାନ୍ସ । ଖଣ୍ଡଗିରି ସବ ରେଜିଷ୍ଟର ଅଫିସର ଜୁନିୟର କ୍ଲର୍କ ଦେବଯାନୀ କରଙ୍କୁ ମାଡିବସିଲା ଭିଜିଲାନ୍ସ । ଜଣେ ବ୍ୟକ୍ତିଙ୍କ ଠାରୁ ୨୦ହଜାର ଟଙ୍କା ଲାଂଚ ନେଉଥିବା ବେଳେ ରେଡ ହ୍ୟାଣ୍ଡରେ ଧରିଲା ଭିଜିଲାନ୍ସ । ତାଙ୍କ ଠାରୁ ଲାଂଚ ଟଙ୍କା ଜବତ କରାଯାଇଛି । ଏବେ ଭୁବନେଶ୍ୱର ଅଫିସ ସମେତ ଦୁଇଟି ଠିକଣାରେ ଭିଜିଲାନ୍ସ ଚଢ଼ାଉ କରିଛି । ଦେବଯାନୀଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଅଫିସରେ ରଖି ପଚରାଉଚରା କରୁଛି ଭିଜିଲାନ୍ସ ।

## କୁଟେ ଓ ଆଶିଷ ସିଂଙ୍କୁ ନେଇ ବିଜେଡିରେ ବିସ୍ଫୋରକ ସ୍ଥିତି: ପ୍ରମିଳା ଧରାଇଲେ ନିଆଁ



ଭୁବନେଶ୍ୱର, ୦୯/୧୨ (ନି.ପ୍ର): ଓଡ଼ିଶା ରାଜନୀତିରେ ବିଶାଳ ଦ୍ରୁମ ପାଲଟିଥିବା ୨୪ବର୍ଷର ବିଜେଡି ଶାସନ କାହିଁକି ଅଚାନକ ଧରାଶାୟୀ ହେଲା ? ସାଧାରଣ ନିର୍ବାଚନ ଫଳାଫଳର ୬ମାସ ବିତିଯିବା ପରେ ମଧ୍ୟ ବିଜେଡି ଏହାର ସମୀକ୍ଷା କଲାନି । କିନ୍ତୁ ବିଜେଡି ଶାସନରେ ଦୁଇ ପାୱାରଫୁଲ ଆଇପିଏସ୍ ଅଫିସର ଡିଏସ୍ କୁଟେ ଓ ଆଶିଷ ସିଂଙ୍କୁ ଗୋଟିଏ ଦିନରେ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିବା ପରେ 'ବିଜେଡିର କ୍ଷମତାଚ୍ୟୁତ' ହେବାର ରହସ୍ୟ ଉପରୁ ପରଦା ହଟିବା ସହ ଦଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ଦଳର ବିଧାୟକ ଓ କର୍ମୀମାନଙ୍କ ମଧ୍ୟରେ ଚାପି ହୋଇ ରହିଥିବା ଆକ୍ରୋଶକୁ ଅଧିକ ଇନ୍ଧନ ଯୋଗାଇଛି ବରିଷ୍ଠ ନେତ୍ରୀ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ମନ୍ତବ୍ୟ । ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଦୁଇ ଖାସ୍ ସହଯୋଗୀ କୁଟେ ଓ ଆଶିଷ ସିଂ ନିର୍ବାଚନ ସମୟରେ ବିଜେପି ସଙ୍ଗେ ସମ୍ପର୍କ ରଖିଥିବାର ପରୋକ୍ଷରେ ଆଜି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପ୍ରମିଳା । ଯାହାକି ପାଣ୍ଡିଆନଙ୍କ ସମେତ ତାଙ୍କ ଟିମ୍ ସଦସ୍ୟ କୁଟେ ଓ ଆଶିଷଙ୍କ ବିଜେଡି ସହ ବିଶ୍ୱାସଘାତକତାର ଚରିତ୍ର ଓ ଆଭିମୁଖ୍ୟକୁ ପଦାରେ ପକାଇ ଦେଇଥିବା ଚର୍ଚ୍ଚା ହେଉଛି । ବିଜେଡିର ବରିଷ୍ଠ ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଆଜି ବିଧାନସଭା ପରିସରରେ ଗଣମାଧ୍ୟମକୁ ଏଭଳି ବୟାନ ଦେଇଛନ୍ତି ଯାହା ପରୋକ୍ଷରେ 'ବିଜେଡି କ୍ଷମତାଚ୍ୟୁତ' ହେବାର କାରଣ ଆଡ଼କୁ ସ୍ପଷ୍ଟ ଇଙ୍ଗିତ କରୁଛି । କାରଣ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡିରେ ରାଜନୈତିକ ନିଷ୍ପତ୍ତି ଦଳର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ବିନା ସମ୍ଭବପର ନୁହେଁ ବୋଲି ସର୍ବଜନବିଦିତ ।

▶▶ପୃଷ୍ଠା ୭

## ରାଜ୍ୟସଭା ଉପନିର୍ବାଚନ ପାଇଁ ନାମାଙ୍କନ ଭରିଲେ ସୁଜିତ୍ କୁମାର



ଭୁବନେଶ୍ୱର, ୦୯/୧୨ (ନି.ପ୍ର): ରାଜ୍ୟରେ ବିଜେପି ଏକାକୀ ସରକାର ଗଢ଼ିବା ପରେ ଏହାର ସାଙ୍ଗଠନିକ ସ୍ଥିତି ଦିନକୁ ଦିନ ବଢ଼ିବାରେ ଲାଗିଛି । ବିଜେପିର ଆଦର୍ଶ ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ କୁମାରଙ୍କୁ ପୁନର୍ବାର ରାଜ୍ୟସଭାକୁ ପଠାଇବା ପାଇଁ କେନ୍ଦ୍ରୀୟ ସଂସଦୀୟ ବୋର୍ଡ ପକ୍ଷରୁ ଆଜି ନିଷ୍ପତି ହୋଇଛି । ସେ ଜଣେ ଦକ୍ଷ, ବିଦ୍ୱାନ, ଗୁଣି ଓ କର୍ମଠ ବ୍ୟକ୍ତି ହୋଇଥିବାବେଳେ ପୂର୍ବରୁ ରାଜ୍ୟସଭାରେ ସାଂସଦ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି । ଏସବୁକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ଶ୍ରୀ ସୁଜିତ୍ କୁମାରଙ୍କୁ ରାଜ୍ୟସଭା ଉପନିର୍ବାଚନରେ ପ୍ରାର୍ଥୀଭାବେ ଘୋଷଣା କରାଯାଇଛି । ଏନେଇ ଶ୍ରୀ ସୁଜିତ୍ କୁମାର ବିଧାନସଭା କାର୍ଯ୍ୟାଳୟରେ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେ ରାଜ୍ୟସଭାକୁ ମନୋନୀତ ହେଲେ ଓଡ଼ିଶାର ସ୍ୱାର୍ଥ ପାଇଁ ଉଠୁଥିବା ସ୍ୱର ଅଧିକ ସୁଦୃଢ଼ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ରାଜ୍ୟସଭା ପ୍ରାର୍ଥୀଭାବେ ଚୟନ କରାଯାଇଥିବାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ.ପି ନଡ୍ଡା, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କୁ ସୁଜିତ୍ କୁମାର କୃତଜ୍ଞତା ଜଣାଇବା ସହ ରାଜ୍ୟ ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ ଜାରି ରହିବ ବୋଲି କହିଛନ୍ତି । ଏହି ନାମାଙ୍କନପତ୍ର ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ

▶▶ପୃଷ୍ଠା ୭

## ଏବେ ସିରିଆ ନିକଟରେ ଭଲ ଭବିଷ୍ୟତ ପାଇଁ ସୁଯୋଗ ରହିଛି : ମିଳିତ ଜାତିସଂଘ

ଦମିସ୍କ, ୯ /୧୨ : - ସିରିଆରେ ଦୀର୍ଘ ସଶସ୍ତ୍ର ସଂଘର୍ଷ ପରେ ରାଷ୍ଟ୍ରପତି ବସର ଅଲ ଅସଦ ଶାସନର ପତନ ହେବା ପରେ ମିଳିତ ଜାତିସଂଘ ଖୁସି ବ୍ୟକ୍ତ କରିଛି । ମିଳିତ ଜାତିସଂଘ ମହାସଚିବ ଆଂଟୋନିଓ ଗୁଟେରେସ ଏକଛତ୍ରବାଦୀ ଶାସନର ଅନ୍ତକୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି ଯେ, ୧୪ ବର୍ଷର କ୍ରୁର ଯୁଦ୍ଧ ଓ ଏକଛତ୍ରବାଦୀ ଶାସନର ଅନ୍ତ ପରେ ଏବେ ସିରିଆବାସୀଙ୍କ ନିକଟରେ ଏକ ସ୍ଥିତ ଓ ଶାନ୍ତିପୂର୍ଣ୍ଣ ଭବିଷ୍ୟତ ନିର୍ମାଣ ପାଇଁ ଐତିହାସିକ ଅବସର ରହିଛି ।

## ଉତ୍ତରପ୍ରଦେଶରୁ ଆସିଲା ଆଳୁ : ଖାଉଟି କିଣିଲେ କିଲୋଗ୍ରାମ ପ୍ରତି ୩୦ ଟଙ୍କାରେ



ଭୁବନେଶ୍ୱର, ୦୯/୧୨ (ନି.ପ୍ର): ରାଜ୍ୟରେ ଖାଉଟି ମାନଙ୍କୁ ସୁଲଭ ମୂଲ୍ୟରେ ଆଳୁ ଯୋଗାଇ ଦେବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ରାଜ୍ୟ ସରକାର ନାଫ୍ଡେ ମାଧ୍ୟମରେ ଆଳୁ କିଣିବା ସହ ଖାଉଟି ମାନଙ୍କୁ କିଲୋଗ୍ରାମ ପିଛା ୩୦ ଟଙ୍କାରେ ଯୋଗାଇ ଦେଉଛନ୍ତି । ଖାଉଟି ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନାଫ୍ଡେ ମାଧ୍ୟମରେ ଖାଉଟି ମାନଙ୍କ ନିମନ୍ତେ ସୁଲଭ ଦରରେ ଆଳୁ ଯୋଗାଣ ନିମନ୍ତେ ନିଷ୍ପତ୍ତି ନେଇଥିବାରୁ ପ୍ରଥମ ପର୍ଯ୍ୟାୟରେ ତିନୋଟି ଗାଡ଼ିରେ ୬୦ ଟନ ଆଳୁ ଉତ୍ତର ପ୍ରଦେଶରୁ ଆସି ବର୍ତ୍ତମାନ ଭୁବନେଶ୍ୱରରେ ପହଁଚିଛି । ଏହାକୁ ଆଜି ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ସମେତ ସହରର ବିଭିନ୍ନ ସ୍ଥାନରେ ସର୍ବସାଧାରଣ ମାନଙ୍କୁ କିଲୋ ଗ୍ରାମ ପିଛା ୩୦ ଟଙ୍କାରେ ବିକ୍ରୟ କରାଯାଇଛି । ଏହି ଆଳୁ ସମସ୍ତ ସରକାରୀ ସୁଲଭ ଖୁଚୁରା କେନ୍ଦ୍ରରେ ସର୍ବ ସାଧାରଣ ମାନଙ୍କୁ ବିକ୍ରୟ କରଯିବ । ଏହାଦ୍ୱାରା ଖାଉଟି ମାନଙ୍କୁ ସୁଲଭ ଦରରେ ଆଳୁ ଉପଲବ୍ଧ କରାଇବା ସହ ରାଜ୍ୟରେ ଆଳୁ ସଙ୍କଟ ଦୂର ହୋଇପାରିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ, ରାଉରକେଲା, ଜୟପୁର, ବାଲେଶ୍ୱର, ବଲାଙ୍ଗୀର, ସମ୍ବଲପୁର ଓ ବ୍ରହ୍ମପୁରର ବିଭିନ୍ନ ସରକାରୀ ଖୁଚୁରା ଦୋକାନ ମାଧ୍ୟମରେ ଉପଲବ୍ଧ ହେବ ଏବଂ ଖାଉଟି ମାନେ ଏହାକୁ କିଲୋଗ୍ରାମ ପିଛା ୩୦ ଟଙ୍କାରେ କିଣିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଏକ ଘରେ ବିସ୍ଫୋରଣ, ତିନିଜଣଙ୍କ ମୃତ୍ୟୁ



ମୁର୍ଶିଦାବାଦ ୯/୧୨ : ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ଗତକାଲି ରାତିରେ ହୋଇଥିବା ବିସ୍ଫୋରଣରେ ତିନିଜଣଙ୍କର ମୃତ୍ୟୁ ଘଟିଛି । ଘଟଣା ଘଟିଛି ସାଗରପାଡା ଥାନା ଅଂଚଳର ଖେରତଲା ଗ୍ରାମରେ, ଯେଉଁଠାରେ ଏକ ପକ୍କା ଘରର ଛାତ ଏବଂ କାନ୍ଥର ବଡ ଅଂଶ ବିସ୍ଫୋରଣ ଯୋଗୁଁ ଭୁଶୁଡି ପଡିଛି । ବିସ୍ଫୋରଣ ପରେ ଧୂଆଁ ମଧ୍ୟରେ ତିନିଜଣଙ୍କର କ୍ଷତବିକ୍ଷତ ମୃତଦେହ ମାଟିତଳୁ ଉଦ୍ଧାର କରାଯାଇଛି । ରବିବାର ରାତି ପ୍ରାୟ ୧୦ଟା ସମୟରେ ଖେରତଲା ଗ୍ରାମରେ ଏକ ଘର ଭିତରେ ଏକ ବଡ ଧରଣର ବିସ୍ଫୋରଣ ହୋଇଥିଲା ।ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘରର ଛାତ ଏବଂ ଏକ ଅଂଶ ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା ।ସ୍ଥାନୀୟ ବାସିନ୍ଦା ମାଟି ମଧ୍ୟରେ ତିନିଜଣଙ୍କ ମୃତଦେହ ଦେଖିଥିଲେ ଏବଂ ତୁରନ୍ତ ପୋଲିସକୁ ସୁଚନା ଦେଇଥିଲେ । ସାଗରପାଡା ଥାନାର ପୋଲିସ ଟିମ ଏବଂ ବମ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଁଚି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ । ବିସ୍ଫୋରଣ ସ୍ଥଳରୁ ବହୁ ପରିମାଣର ସିପ୍ଲଂଟର ଏବଂ ବମ ତିଆରି ସାମଗ୍ରୀ ଉଦ୍ଧାର କରାଯାଇଥିଲା । ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ପରିଚୟ ମାମୁନ ମୋଲ୍ଲା, ସଗୀରୁଲ ସରକାର ଏବଂ ମୁସ୍ତାକିନ ଶେଖ ବୋଲି ଜଣାପଡିଛି । ତିନିଜଣ ଖେରତଲା ଗ୍ରାମର ବାସିନ୍ଦା ଥିଲେ । ପୋଲିସ ସମସ୍ତ ତିନୋଟି ମୃତଦେହକୁ ଡାକ୍ତରଖାନା ପଠାଇଥିଲେ , ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଧାନର ସର୍ବନିମ୍ନ ସହାୟତା ଉପରେ ଇନପୁଟ ସବସିଡି ପ୍ରଦାନ କାର୍ଯ୍ୟକ୍ରମ

ପୁରୀ, ୦୯/୧୨ (ନି.ପ୍ର): ସରକାର କୃଷି ଓ କୃଷକ ର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ। ସେଥିପାଇଁ ପ୍ରଥମ କ୍ୟାବିନେଟ ରେ କୃଷକ ମାନଙ୍କୁ ୮୦୦ ଟଙ୍କାର ସବସିଡ ପାଇଁ ମୋହର ମାରିଥିଲେ। ଆଜି ବଡ ଖୁସି ଓ ଗୌରବ ର କଥା ଯେ ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ଚାଷୀ ମାନଙ୍କୁ ସେହି ୮୦୦ ଟଙ୍କା ସବସିଡ ପ୍ରଦାନ ର ଶୁଭାରମ୍ଭ ହେଉଛି।ଚଳିତ ବର୍ଷ ଚାଷୀ କ୍ୟୁଂଟାଲ ପିଛା ଧାନର ମୂଲ୍ଯ ୨୩୦୦ ଟଙ୍କା ଓ ସବସିଡ ୮୦୦ ଏହି ଭଳି ୩୧୦୦ ଟଙ୍କା ପାଇବେ ବୋଲି ମତ ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଆଜି ପୂର୍ବାହ୍ନରେ ପୁରୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତୀ ପରିଡ଼ା ମହାପ୍ରଭୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ପରେ ବରଗଡ ଜିଲ୍ଲା ସୋହେଲାରୁ ମୁଖ୍ୟମନ୍ତ୍ରୀ ଙ୍କ ରାଜ୍ୟ ସ୍ତରୀୟ ଉଦଘାଟନ ସିଧା ପ୍ରସାରଣ କରାଯାଇଥିଲା ଯେଉଁ ଥିରେ ମୁଖ୍ୟମନ୍ତ୍ରୀ ଚାଷୀ ମାନଙ୍କ ଆକାଉଂଟକୁ ସବସିଡ ଅର୍ଥ ପ୍ରଦାନ କରିଥିଲେ। ନିଜ ଅଭିଭାଷଣ ରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆମ ସରକାର ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ବିଶ୍ୱାସ କରେ ବୋଲି କହିଥିଲେ। ସୁଭଦ୍ରା ଯୋଜନା ରେ ୮୦ ଲକ୍ଷ ରୁ ଉର୍ଦ୍ଧ୍ୱ ମା ଙ୍କୁ ସାମିଲ କରାଯାଇଛି।ଚଳିତ ଖରିଫ ଋତୁରେ ପୁରୀ ଜିଲ୍ଲାରେ ୪୯୨୭୬ ଚାଷୀ ଅନଲାଇନ ରେ ସୋସାଇଟି ମାଧ୍ୟମରେ ପଞ୍ଜିକରଣ କରିଥିବା ବେଳେ ଯାଂଚ୍ ପରେ ୪୯୨୪୦ ଯୋଗ୍ୟ ବିବେଚିତ ହୋଇଛନ୍ତି।ଚଳିତ ବର୍ଷ ୧୮୪ ଗୋଟି ସୋସାଇଟି ଓ ୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହ ରେ ନିୟୋଜିତ ଅଛନ୍ତି।୨୧ ଗୋଟି ମିଲର ଜିଲ୍ଲାର ଧାନ ସଂଗ୍ରହରେ ସହଯୋଗ କରିବେ।କୌଣସି କଟନି ଛଟନି ହେବ ନାହିଁ କିମ୍ବା ଧାନ ସଂଗ୍ରହ ରେ ଯେପରି ସମସ୍ୟା ରହିବ ନାହିଁ ସେଥିପାଇଁ ମନ୍ତ୍ରୀ ଓ ବିଧାୟକ ମାନଙ୍କୁ ମଣ୍ଡି ଜଗିବାର ଦାୟିତ୍ୱ ଦିଆଯାଇଛି। ଧାନର ପ୍ରାପ୍ୟ ୩୧୦୦ ଟଙ୍କା ଡିବିଟି ମାଧ୍ୟମରେ ଚାଷୀଙ୍କ ଆକାଉଂଟ କୁ ୨୪ ରୁ ୪୮ ଘଂଟା ମଧ୍ୟରେ ପଠାଯିବ ବୋଲି ଶ୍ରୀମତୀ ପରିଡା ସୂଚନା ଦେଇଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସରକାର କୃଷକ ମାନଙ୍କ ପାଇଁ ସମସ୍ତ ସହଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏହି ଇନପୁଟ ସହାୟତା କୃଷକ ଙ୍କୁ ସେମାନଙ୍କ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମନୋବଳକୁ ବୃଦ୍ଧି କରିବ ବୋଲି କହିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଂଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, କୃଷକ ମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ଜାନୁଆରୀ ୩ ତାରିଖରୁ ବ୍ରହ୍ମଗିରି, ପିପିଲି ଓ କୃଷ୍ଣ ପ୍ରସାଦ ବ୍ଲକ ଅଂଚଳର ଧାନ ସଂଗ୍ରହ କରାଯିବ। ଜାନୁଆରୀ ୭ ତାରିଖରୁ ଅନ୍ୟାନ୍ୟ ସମସ୍ତ ବ୍ଲକ ଅଂଚଳରୁ ଧାନ ସଂଗ୍ରହ କରାଯିବ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ୧୧୬୮୬୦୩ କ୍ୟୁଂଟାଲ ଧାନ ସଂଗ୍ରହ କରାଯିବ। ପରବର୍ତୀ ପର୍ଯ୍ୟାୟରେ ଏହି ଲକ୍ଷ୍ୟ ବୃଦ୍ଧି କରାଯିବ। ଅଭାବୀ ଧାନ ବିକ୍ରି ଓ ବେନିୟମ କିଣା ବିକାକୁ ପ୍ରତିହତ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓ ସମବାୟ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚନା ଦେଇଛନ୍ତି।

# ପ୍ରଧାନମନ୍ତ୍ରୀ କୃଷକ ବୀମାର ଶୁଭାରମ୍ଭ

ଖୋର୍ଦ୍ଧା, ୦୯/୧୨ (ନି.ପ୍ର): କୃଷକ ମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କରକମଳରେ ଧାନର ସର୍ବନିମ୍ନ ମାନ ୮୦୦ ଟଙ୍କାର ଅତିରିକ୍ତ ସହାୟତା ରାଶି ଓଡ଼ିଶାର ବରଗଡ଼ ଜିଲ୍ଲାରେ କୃଷକ ମାନଙ୍କୁ ପ୍ରଦାନର ଶୁଭାରମ୍ଭ ହୋଇଯାଇଥିଲା ବେଳେ ଏହାର ସିଧାସଳଖ ପ୍ରସାରଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ର ହାଭେଳି ପଡ଼ିଆ ଠାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ, ଅବକାରୀ, ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦାନ କରି ସହ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ସମ୍ମାନନୀୟ ଜିଲ୍ଲାପାଳ ଚଂଚଳ ରାଣା, ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲାପାଳ ଉଦବୋଧନ ଦେଇ କହିଥିଲେ ଯେ, ଦୀର୍ଘଦିନ ଧରି କୃଷକ ମାନଙ୍କର ଯେଉଁ ଡିମାଣ୍ଡ ଥିଲା ସର୍ବନିମ୍ନ ଯେଉଁ ଟଙ୍କା ରହିଛି ସେଥିରେ କିଛି ଆର୍ଥିକ ସାହାଯ୍ୟ ରାଶି ପ୍ରଦାନ କରିବାକୁ ଆଜି ତାହା ସରକାର ପୂରଣ କରିଛନ୍ତି । ସ୍ୱଚ୍ଛତାରେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ । ଚାଷୀ ହସିଲେ ଦେଶ ହସିବ ବୋଲି ବିଧାୟକ ଖୋର୍ଦ୍ଧା ନିଜ ବକ୍ତବ୍ୟ ରଖିଥିଲେ। ସେ ଆହୁରି ମଧ୍ୟ କହିଥିଲେଯେ, ଏହି କଥାକୁ ସ୍ୱୀକାର କରିବା ପାଇଁ ଓଡ଼ିଶାରେ ପରିବର୍ତନର ସ୍ୱର ଆରମ୍ଭ ହୋଇଛି। ଓଡିଶା ହେଉଛି କୃଷି ପ୍ରଧାନ ରାଜ୍ୟ । ଆମର ପାରମ୍ପରିକ ଚାଷ ହେଉଛି ଧାନ। ସେଥିପାଇଁ ଆଜିର କାର୍ଯ୍ୟକ୍ରମ କୃଷକ ମାନଙ୍କୁ ଆର୍ଥିକ ସାହାଯ୍ୟ ର ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ। ସେହିପରି ମନ୍ତ୍ରୀ ଅଭିଭାଷଣରେ କହିଲେ ଯେ, ଆଜିର ଦିନଟି ଚାଷୀ ମାନଙ୍କ ପାଇଁ ଏକ ଐତିହାସିକ ଦିନ ହୋଇ ରହିବ । ଦୀର୍ଘ ଦିନର ଲଢେଇ ପରେ ଆଜି ଓଡ଼ିଶା ପ୍ରଦେଶର ଚାଷୀ ମାନଙ୍କୁ ସନ୍ତାନ ସ୍ୱରୁପ, ଆଜି ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ର ବ୍ଲକ୍ ଏବଂ ପୋର ପରିଷଦ ମାନଙ୍କର ଅଧକ୍ଷା, ଅଧକ୍ଷ, ବିଭାଗୀୟ ଅଧିକାରୀଙ୍କ ସମେତ ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ ।

## ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ବୈଠକ

ଜୟପୁର, ୦୯/୧୨ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଆଜି ଅଲ୍ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ବୈଠକ ସ୍ଥାନୀୟ ଯାଦବ ଭବନ ଠାରେ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନଭେମ୍ବର ୩୦ ତାରିଖରେ ସିବିଟି ର ଏକ ବୈଠକ ଉଚ୍ଚ ହାରରେ ପେନସନ ଓ ସର୍ବନିମ୍ନ ପେନସନ୍ ବୃଦ୍ଧି ପାଇଁ ଆଲୋଚନା ହୋଇଛି ଏବଂ ଆସନ୍ତା ଦିନରେ ତାକୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ହେବ । ସର୍ବନିମ୍ନ ପେନସନ୍ ମାସିକ ୯୦୦୦/ ଟଙ୍କା ଏବଂ ସ୍ୱାସ୍ଥ୍ୟ ସେବା ଯୋଜନା ରେ ସାମିଲ୍ କରିବା ପାଇଁ ଆନ୍ଦୋଳନ ଜାରି ରହିବ । ଜୟପୁର ଠାରେ ଇପିଏଫଓ ର ଏକ ଶାଖା କାର୍ଯ୍ୟାଳୟ ଖୋଲିବା ପାଇଁ କାର୍ଯ୍ୟକାରୀ ସଭାପତି ଶ୍ରୀ ଉମାକାନ୍ତ ରଥ ପ୍ରସ୍ତାବ ଦେଇଛନ୍ତି। କାଗଜ କଳ ଶ୍ରମିକ ମାନଙ୍କ ପି ଏଫ୍ ଓ ପେନସନ ସମସ୍ୟା ସମାଧାନ ପାଇଁ ସଂଘ ଏମ୍ ଇ ଆର୍ ପି ଏଲ୍ ମ୍ୟାନେଜମେଂଟ ବିରୁଦ୍ଧରେ କରିଥିବା କେସ୍ କୁ ତ୍ୱରାନ୍ୱିତ କରିବା ପାଇଁ ଏକ ପତ୍ର ପ୍ରଦାନ କରାଯିବ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚାଷୀ ମାନଙ୍କୁ ଇନପୁଟ୍ ସବସିଡି ବଣ୍ଟନ

ବାରିପଦା, ୦୯/୧୨ (ନି.ପ୍ର): ବରଗଡ଼ର ସୋହେଲା ଠାରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ସମଗ୍ର ଓଡ଼ିଶାର ଚାଷୀ ଭାଇ-ଭଉଣୀଙ୍କ ପାଇଁ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ୍ ସବସିଡି ବଣ୍ଟନ କରୁଛନ୍ତି । ସେହି ପରିପ୍ରେକ୍ଷୀରେ ଜିଲ୍ଲାର ଚାଷୀ ଭାଇ ଭଉଣୀ ମାନେ ଆଜି ବାରିପଦା ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପଡ଼ିଆ ଠାରେ ଏକତ୍ରିତ ହୋଇ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଦେଖିଥିଲେ।




ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ବିଭାଗ, ଇଂ ଗଣେଶ ରାମସିଂ ଖୁଣ୍ଟିଆ ଯୋଗ ଦେଇ ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇଥିଲେ। ଏଥିସହିତ, ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ, ରାଜ୍ୟସଭା, ଶ୍ରୀମତୀ ମମତା ମହାନ୍ତ, ମାନ୍ୟବର ବିଧାୟକ, ସାରସକଣା ଶ୍ରୀ ଭାଦୁ ହାଁସଦା, ମାନ୍ୟବର ବିଧାୟକ, ବାରିପଦା ଶ୍ରୀ ପ୍ରକାଶ ସୋରେନ, ମାନ୍ୟବର ବିଧାୟକ, ରାଇରଙ୍ଗପୁର ଶ୍ରୀ ଜଲେନ ନାଏକଙ୍କ ସମେତ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ପ୍ରମୁଖ ମଂଚାସୀନ ଥିଲେ।

ନିଜ ଅବିଭାଷଣରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, 'ମୟୂରଭଞ୍ଜ ସର୍ବଦା ନିଜ ଉନ୍ନତ ମାନର ଚାଷ ପାଇଁ ପ୍ରସିଦ୍ଧ। ଆଉ ରାଜ୍ୟସରକାର ପ୍ରତିଶ୍ରୁତି ରକ୍ଷା କରି ଆଜିର ତାରିଖରେ, ଏହି ଚାଷୀ ସମାବେଶରେ ଇନପୁଟ ସବସିଡ଼ି ଦେବା ଆରମ୍ଭ କରିଛନ୍ତି । ମୋର ଦୃଢ ବିଶ୍ୱାସଯେ ରାଜ୍ୟ ସରକାରଙ୍କର ଏହି ଯୁଗାନ୍ତକାରୀ ପଦକ୍ଷେପ, ସମସ୍ତ ଚାଷୀ କୂଳ ପାଇଁ ଏକ ଅମୃତ ସମୟ ଆଣିଦେବ।'

ସୂଚନାନୁସାରେ, ଏହି ସବସିଡି ଇନପୁଟ ରାଶି ମାତ୍ର ୪୮ ଘଣ୍ଟାରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ । କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ୨୩୦୦ ଟଙ୍କା ଯେଉଁ ଆକାଉଣ୍ଟ କୁ ଯିବ ସେହି ଆକାଉଣ୍ଟକୁ୮୦୦ ଟଙ୍କା ଯିବ ନାହିଁ । ଏହି ୮୦୦ ଟଙ୍କା ପାଇଁ ଅଲଗା ଆକାଉଣ୍ଟ ହେବ ସେହି ଆକାଉଣ୍ଟକୁ ଟଙ୍କା ଯିବ । ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଖୁବ ଶୀଘ୍ର, ଆସନ୍ତା ୨୪ ତାରିଖରୁ ଧାନ କ୍ରୟ ଆରମ୍ଭ ହୋଇଯିବ, ଏଣୁ ଚାଷୀ ମାନେ ଖୁବ ଶୀଘ୍ର ତାଙ୍କ ଆକାଉଣ୍ଟରେ ଏହି ୮୦୦ ଟଙ୍କା ପାଇପାରିବେ। ଚାଷୀଙ୍କ ମଧ୍ୟରେ ଯେପରି ଦ୍ୱନ୍ଦ ନ ରୁହେ ସେଥିପାଇଁ ଜିଲ୍ଲା ପ୍ରଶାସନ ଜରିଆରେ ସେଚତନ କରାଯାଉଛି। ସୂଚନା ଥାଉକି, ଚଳିତଥର ପୂର୍ବ ଅପେକ୍ଷା ଅଧିକ ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜିକରଣ କରିଛନ୍ତି । ମୟୂରଭଞ୍ଜରେ ୫୫୯୩୮ ଜଣ ଚାଷୀ ପଂଜିକୃତ କରିଛନ୍ତି ଏବଂ ଚାଷୀଙ୍କ ମନରେ ଯେପରି କୌଣସି ଦ୍ୱନ୍ଦ ନରୁହେ, ସେଥିପାଇଁ ପ୍ରତ୍ୟେକ ମଣ୍ଡିର ସୂଚନା ଫଳକରେ ମଣ୍ଡି ନୋଡାଲ ଅଫିସର ଓ ମଣ୍ଡି ସୁପରଭାଇଜରଙ୍କ ନାମ ସହିତ ତାଙ୍କ ମୋବାଇଲ ନମ୍ବର ପ୍ରଦର୍ଶନ କରା ଯାଉଛି । ଏହା ଛଡା, ପ୍ରତ୍ୟେକ ମଣ୍ଡିରେ ଉଉଞ୍ଚଠ ଲଗାଇବା ସହିତି ଏକ କେନ୍ଦ୍ର ସ୍ତରୀୟ ଉକ୍କଭଙ୍ଗବକ୍ତକୁକ୍ଷ ଜକୁକୁଞ୍ଜ ଓଡିଶା ଯୋଗାଣ ନିଗମ, ଭୁବନେଶ୍ୱର ଠାରେ ବ୍ୟବସ୍ଥା ମଧ କରାଯାଇଛି।

ଧାନ ପରିବହନକାରୀ ଯାନ ଗୁଡିକର ଗତିବିଧି ଉପରେ ନଜର ରଖିବା ପାଇଁ ସମସ୍ତ ସୀମା ଯାଞ୍ଚ ପଏଣ୍ଟ ରେ ଉଉଞ୍ଚଠ ଏବଂ ମବଜ୍ଞରକ୍ବବ ଙ୍କକୁଙ୍କଭଗ୍ବରୟ ଙ୍ଖରଷସମକ୍ଷର ର ବ୍ୟବସ୍ଥା କରିବା ପାଇଁ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ଯାଉଛି ଯେପରି ଏହି ପ୍ରକ୍ରିୟାରେ କୌଣସି ପ୍ରକାରର ଅସୁବିଧା ନହୁଏ। ଯେହେତୁ ଚଳିତ ଧାନ କ୍ରୟ ଋତୁରେ ସୀମା ଯାଞ୍ଚ ଏକ ପ୍ରମୁଖ କାର୍ଯ୍ୟ ଅଟେ, ପ୍ରଶାସନ ମଧ ଖୁବ ଦାୟିତ୍ୱର ସହ ଏହି କାର୍ଯ୍ୟକୁ ସମ୍ପନ୍ନ କରିବ।

ସମବାୟ ବିଭାଗ ଦ୍ୱାରା ସମସ୍ତ ଧାନ ସଂଗ୍ରହଣ କେନ୍ଦ୍ରରେ ସଂଗ୍ରହଣ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ପ୍ରାଥମିକତା ଆଧାରରେ ଆବଶ୍ୟକୀୟ ବୈଷୟିକ ଯନ୍ତ୍ରପାତି ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବାକୁ ଗୁରୁତ୍ୱ ଦେବେ । ମିଲକୁ ଧାନ ପହଞ୍ଚିବା ପୂର୍ବରୁ ଏହାର ମାନକୁ ନିଶ୍ଚିତ କରିବା ପାଇଁ ମଣ୍ଡିରେ ଧାନର ମାନ ଯାଞ୍ଚ କରାଯିବ ଏବଂ ଯାଞ୍ଚ ସମୟରେ ମିଲର ଉପସ୍ଥିତ ରହିବେ । ଯାଞ୍ଚ ରିପୋର୍ଟର ଏକକିତା ନକଲ ସମ୍ପୃକ୍ତ ଚାଷୀଙ୍କୁ ପ୍ରଦାନ କରାଯିବ ।ଜିଲ୍ଲା ଅଧିକାରୀ ମାନେ ଜିଲ୍ଲା ଗସ୍ତ ସମୟରେ ଧାନ ମଣ୍ଡିକୁ ପରିଦର୍ଶନ କରି ଧାନ ସଂଗ୍ରହ ବ୍ୟବସ୍ଥାର ତଦାରଖ କରିବେ । ମୟୂରଭଞ୍ଜ ଜିଲ୍ଲାରେ ଥିବା ୧୦୩ଟି ମଣ୍ଡି ଓ ୫୨ଟି ଖଇଗଚଝ ରେ ସିସିଟିଭି ଲାଗିଛି ଏବଂ ସବୁଠାରେ ନୋଡାଲ ଅଫିସର କାର୍ଯ୍ୟରତ ଅଛନ୍ତି; ଏହା ସମସ୍ତ ସୁବିଧା ଏବଂ ବିନା କୌଣସି ଦ୍ୱିଧାରେ ସେବା ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଯୋଗାଣ ଅଧିକାରୀ ଲକ୍ଷ୍ମୀଧର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଶ୍ରୀ ସୟ ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ସହିତ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ କୃଷ୍ଣ ସେଠୀ ଓ ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସିଦ୍ଧାର୍ଥ ବେହୁରିଆ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪୩ ତମ ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍ ଉଦ୍‌ଯାପିତ

ଜୟପୁର, ୦୯/୧୨ (ନି.ପ୍ର): ୪୩ ତମ ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍ ଆଜି ଉଦଯାପିତ ହୋଇଛି । ଜୟପୁର କ୍ରୀଡା କମ୍ପ୍ଲେକ୍ସ ଠାରେ ଆୟୋଜିତ ଉଦ ଯାପନୀ କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହୀନିପତି ଯୋଗ ଦେଇଥିଲେ । କ୍ରୀଡା କମ୍ପ୍ଲେକ୍ସ ରେ ବାହାର ଜିଲା ଖେଳାଳି ଙ୍କ ପାଇ ରହିବାର ସୁବିଧା ନାହିଁ ସେଥି ପାଇ ଏକ ହେଷ୍ଟଲର ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିଲା । ଏହି ଦାବିକୁ ଗୁରୁତର ସହ ନେଇ କମ୍ପ୍ଲେକ୍ସ ଭିତରେ ଖୁବ ଶିଘ୍ର ଏକ ହେଷ୍ଟଲ ନିର୍ମାଣ ହେବ ବୋଲି ବିଧାୟକ ବାହିନିପତି ସୁଚନା ଦେଇଥିଲେ । ଗତ ୬ ତାରିଖ ରୁ ଆରମ୍ଭ ହୋଇଥିବା ଚାମ୍ପିୟନସିପ ଆଦି ଉଦ୍ ଯାପିତ ହୋଇଥିଲା । ରାଜ୍ୟର ବିଭିନ୍ନ ଜଲାର ୮୦ ଜଣ ପ୍ରତିଯୋଗି ଭାଗ ନେଇଥିଲେ । ଏଥିରେ ରାଜ୍ୟ ଜିମ୍ନାଷ୍ଟିକ୍ସ ରାଜ୍ୟ ସମ୍ପାଦକ ଅଶୋକ ସାହୁ, କୋଚ ଅଶୋକ ମିଶ୍ର, ଜିଲା କ୍ରିଡା ସଂଘ ସମ୍ପାଦକ ରବି ନାୟକ, କୋଷାଧକ୍ଷ ସଞ୍ଜୟ କୁମାର ଜୈନ, କୋଚ ଇଜିପ୍ଟ ର ଆମିନି ଗୌଡା , ଆନ୍ତର୍ଜାତିୟ ଗୋଲ୍ଡ ମେଡେଲିଷ୍ଟ ରାକେଶ କୁମାର ପାତ୍ର, ଫ୍ରାନ୍ସରୁ ଆସିଥିବା ମୁଖ୍ୟ ପ୍ରଶିକ୍ଷକ ଥିଏରି ଆଇମେସ ଉପସ୍ଥିତ ଥିଲେ । ଏଠାରେ ସବୁ ବର୍ଗର ଚମ୍ପିନିସିପ ମାନଙ୍କୁ ମେଡେଲ ଦେଇ ସମ୍ମାନିତ କରାଇଥିଲା । ଏହି ପ୍ରତିଯୋଗିତାର ଉତୀର୍ଣ୍ଣ ହେଲେ ଆସନ୍ତା ଡିସେମ୍ବର ୨୦୨୪ରେ ଗୁଜୁରାଟରେ ହେବାକୁଥିବା ପ୍ରତିଯୋଗିତାରେ ଭାଗ ନେବେ । ୨୦୨୫ ରେ ଉତରାଖଣ୍ଡରେ ଯେଉଁ ପ୍ରତିଯୋଗିତା ହେବ ସେଥିରେ ମଧ ଭାଗ ନେବେ ବୋଲି ସୂଚନା ଦିଆଯାଇଛି ।

# ଗୀତା ଜୟନ୍ତୀ ପାଳନ ଉପଲକ୍ଷେ ବ୍ରାହ୍ମଣ ମହାସଭାର ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୦୯/୧୨ (ନି.ପ୍ର): ଗୀତା ଜୟନ୍ତୀ ପାଳନ କରିବା ପାଇଁ ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରି ବୈଠକ ଶ୍ରୀ ନୃସିଂହ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଅଛି । ସମ୍ପାଦକ ଆଇନଜିବି ଜୟରାମ ମିଶ୍ର ଏ ବିଷୟରେ ବିସ୍ତୃତ ଆଲୋଚନା ପ୍ରଦାନ ପରେ କୋଷାଧକ୍ଷ ପର୍ଶୁରାମ ନାୟକ ଆନୁସଙ୍ଗିକ ଖର୍ଚ୍ଚ ଉପରେ ଗୃହକୁ ଅବଗତ କରାଇଥିଲେ । ପୁଜନ ଓ ଯଜ୍ଞ କାର୍ଯ୍ୟ ତୁଲାଇବା ପାଇଁ ବ୍ରହ୍ମର୍ଷି ଗିରିଧାରୀ ଶତପଥୀ, ପଣ୍ଡିତ ସନ୍ତୋଷ କୁମାର ଶତପଥି ଓ ପଣ୍ଡିତ ଲକ୍ଷ୍ମୀ ପ୍ରସାଦ ଚାନ୍ଦ ଦାୟିତ୍ୱ ବହନ କରିଥିବା ବେଳେ କର୍ତା ହିସାବରେ ଧର୍ମବ୍ରତ ଆଚାର୍ଯ୍ୟ, ରଞ୍ଜନ କୁମାର ତ୍ରିପାଠି ଓ ରଂଜିତା ପାଣିଗ୍ରାହୀ ସମ୍ମତି ପ୍ରଦାନ କରିଛନ୍ତି । ଗୀତା ପଠନ ପାଇଁ ପଣ୍ଡିତ ଜୟରାମ ମିଶ୍ର ଙ୍କ ନେତୃତ୍ୱରେ ପର୍ଶୁରାମ ନାୟକ, ଶିବ ଶଙ୍କର ଖୁଆସ, ପୁରୁଷୋତମ ପଣ୍ଡା, ଦାମୋଦର ଓତା, କୃପାସିନ୍ଧୁ ମିଶ୍ର, କିଶୋର କୁମାର ମିଶ୍ର, କିଶୋର କୁମାର ପୁରୋହିତ ସମେତ ଅନ୍ୟ ବ୍ୟକ୍ତି ବିଶେଷ ମଧ ଗୀତା ପଠନ କରିବେ । ପ୍ରାତଃ ୮ଟା ସମୟରେ ପୂଜା କର୍ମ ଆରମ୍ଭ ହେବ ବୋଲି ସୂଚନା ପ୍ରଦାନ ସହିତ ଅନୁରୋଧ କରାଯାଇଅଛି ଯେ ସମସ୍ତ ବ୍ରାହ୍ମଣ ସଦସ୍ୟଗଣ ବହୁ ସଂଖ୍ୟାରେ ଉପସ୍ଥିତ ରହି ଏହି ମହାନ ପର୍ବକୁ ସାଫଲ୍ୟ ମଣ୍ଡିତ କରିବେ । ଏହି ପବିତ୍ର ପୂଜାକର୍ମରେ ମାତୃଶକ୍ତି ର ସଦସ୍ୟଗଣ ତୁଳସୀ ଅର୍ପଣ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଶକ୍ତି ବାହିନୀର ମୁଖ୍ୟ କସ୍ତୁରୀ ରଥ ସମେତ ଅନେକ ମହିଳା ସଦସ୍ୟାଙ୍କୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଉପରୋକ୍ତ ବ୍ୟକ୍ତି ବିଶେଷ ସମେତ ଉପସଭାପତି ଗୋପବନ୍ଧୁ ପୁରୋହିତ, ନଗର ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ନଗର ସମ୍ପାଦକ ସଂକୀର୍ତନ ତ୍ରିପାଠି, କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମ ସୁନ୍ଦର ଦାଶ ଏବଂ ଗୋକୁଳାନନ୍ଦ ମିଶ୍ରଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

# ଆସନ୍ତା ୧୬ ତାରିଖରୁ ବିଧାନସଭା ଆଗରେ ଧାରଣା ଦେବ ସେବା କାଗଜ କଳ ଶ୍ରମିକ ସଂଘ

ଜୟପୁର, ୦୯/୧୨ (ନି.ପ୍ର): ସେବା କାଗଜ କଳ ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଏକ ବୈଠକ ଶ୍ରମିକ କର୍ମଚାରୀ ଭବନ ଠାରେ ବସନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଆସନ୍ତା ୧୬ ତାରିଖରୁ ବିଧାନସଭା ଆଗରେ ଧାରଣା ଦେବା ପାଇଁ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ପ୍ରାୟ ତିରିଶ ଜଣ ଶ୍ରମିକ ଏଠାରୁ ଯାତ୍ରା କରିବେ ଏବଂ ଅନ୍ୟ ଜିଲ୍ଲାମାନଙ୍କରେ ଥିବା ଅବସରପ୍ରାପ୍ତ ଶ୍ରମିକ ମାନେ ଯୋଗ ଦେବେ। ମୁଖ୍ୟ ଦାବି ରହିଛି ସେବା କାଗଜ କଳକୁ ପୁର୍ଣ୍ଣ କାର୍ଯ୍ୟକ୍ଷମ କରିବା ଏବଂ ଶ୍ରମିକଙ୍କ ସମସ୍ୟା ସମାଧାନ କରିବା । ଏଥିପାଇଁ ଶିଳ୍ପ ମନ୍ତ୍ରୀ ଓ ଶ୍ରମ ମନ୍ତ୍ରୀ ଙ୍କୁ ସାକ୍ଷାତ କରିବା ପାଇଁ ସ୍ଥିର ହୋଇଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ସାକ୍ଷାତ କରିବା ସହ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିବା ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଏଆଇଟିୟୁସି ରାଜ୍ୟ ନେତୃତ୍ୱଙ୍କୁ ନିବେଦନ କରାଯାଇଛି ।

ଆଜିର ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରହଲ୍ଲାଦ ମଲ୍ଲିକ, ଅଲେଖ ପାତ୍ର, କେ. ସତ୍ୟ ନାରାୟଣା , ପ୍ରମୋଦ ତୀୱାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଂସେଇଖାନା ବର୍ଜ୍ୟବସ୍ତୁକୁ ନେଇ ଜନ ଅସନ୍ତୋଷ : କାର୍ଯ୍ୟାନୁଷ୍ଠାନ ଦାବି

ଧର୍ମଶାଳା, ୦୯/୧୨ (ନି.ପ୍ର): ପରିବେଶକୁ ସୁସ୍ଥ ଓ ସରସ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏନେଇ ପ୍ରଚାର ଓ ପ୍ରସାର ନିମନ୍ତେ ସଚେତନତା ସୃଷ୍ଟି କରାଯାଉଛି । ଅନ୍ୟପକ୍ଷରେ ପଂଚାୟତ ସ୍ତରରେ ବିଭିନ୍ନ ସଚେତନ ସୃଷ୍ଟି କରାଯାଉଥିବା ବେଳେ ଅଙ୍ଗନବାଡି କେନ୍ଦ୍ର ପକ୍ଷରୁ ଜନ ସାଧାରଣଙ୍କୁ ସଚେତନତା ପାଇଁ ଆହ୍ୱାନ ଦିଆଯାଉଥିଲେ ମଧ୍ୟ ବାସ୍ତବରେ ତାହା କାର୍ଯ୍ୟରେ ପରିଣତ ହେଉ ନ ଥିବା ଅଭିଯୋଗ ହୋଇଛି । ରାସ୍ତା ଓ ନଦୀ ବନ୍ଧ କଡରେ ମାଲମାଲ ଅବର୍ଜନା ସହ ପ୍ଲାଷ୍ଟିକ୍ ଏବଂ ବେଆଇନ କଂସେଇଖାନାରୁ ବାହାରୁ ଥିବା ବିଭିନ୍ନ ବର୍ଜ୍ୟବସ୍ତୁ ପିଙ୍ଗା ଯାଉଛି । ଫଳରେ ପରିବେଶ ପ୍ରଦୂଷଣ ହେବା ସହିତ ନଦୀ ପାଣି ବିଷାକ୍ତ ହେଉଛି । ଅନ୍ୟପକ୍ଷେ ବାଟରେ ଯାତାୟତ କରୁଥିବା ବାଟୋଇମାନେ ଦୃଗନ୍ଧରେ ଅତିଷ୍ଠ ହୋଇ ପଡୁଛନ୍ତି । ଏନେଇ ବାରମ୍ୱାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଓ ରସୁଲପୁର ବ୍ଲକକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା କ୍ଷେତ୍ରରେ । ମହେଶ୍ୱରପୁର ପଂଚାୟତ ବ୍ରାହ୍ମଣୀ ନଦୀ ସେତୁ କଡ ଏବେ ମହିଳା ଅବର୍ଜନା ମହଜୁଦ କେନ୍ଦ୍ରସ୍ଥଳ ପାଲଟିଛି । ମହେଶ୍ୱରପୁର ସମେତ ଚାନ୍ଦପୁର ଓ ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତ କୋଠଡିହ ଗ୍ରାମ ନିକଟସ୍ଥ ରାସ୍ତାରେ ଯାତାୟତ କରିବା ଜନସାଧାରଣଙ୍କ ପାଇଁ କଷ୍ଟକର ହୋଇପଡିଛି । ସ୍ଥାନୀୟ ଅଂଚଳର କିଛି ଅସାଧୁ ବ୍ୟବସାୟୀ, କୁକୁଡା ଦୋକାନ ଓ କଂସେଇଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ସହ ଅବ୍ୟବହୃତ ପ୍ଲାଷ୍ଟିକକୁ ରାତିଅଧିଆ ଏହି ନଦୀ ବନ୍ଧ ପଠାରେ ପକାଇ ଦେଉଛନ୍ତି । ଫଳରେ ରାସ୍ତାରେ ଯାତାୟତ କରୁଥିବା ବୃଦ୍ଧବୃଦ୍ଧା, ନିକଟରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ରୋଗୀ ସମ୍ପର୍କୀୟ ଏବଂ ବିଦ୍ୟାଳୟକୁ ଯାତାୟତ କରୁଥିବା କୋମଳମତି ଶିଶୁ ଓ ଛାତ୍ରଛାତ୍ରୀ ଅତିଷ ହୋଇ ପଡୁଛନ୍ତି । ନିକଟରେ ରହିଥିବା ବ୍ୟବସାୟ ପ୍ରତିଷ୍ଠାନ ଓ ରାସ୍ତା କଡରେ ଘର କରି ରହିଥିବା ପରିବାର ଲୋକେ ବେଶ୍ ପ୍ରଭାବିତ ହେଇଥିବା ବେଳେ ଏନେଇ ପ୍ରଶାସନ ନିକଟରେ ବାରମ୍ୱାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ । ବେଆଇନ କଂସେଇଖାନା ବିରୋଧରେ ଅଭିଯୋଗ କଲେ ପାଲଟା ଧମକ ମିଳୁଥିବା ଗ୍ରାମବାସୀ କହିଛନ୍ତି । ଏ ଦିଗରେ ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# କନ୍ଧମାଳ ଜିଲ୍ଲା ଚାଷୀମାନଙ୍କ ପାଇଁ ଫୁଲବାଣୀରେ ଇନପୁଟ୍ ସହାୟତା ରାଶି ବଂଟନର ଶୁଭାରମ୍ଭ

କନ୍ଧମାଳ, ୦୯/୧୨ (ନି.ପ୍ର): ଓଡ଼ିଶାର ଚାଷୀମାନଙ୍କୁ ଇନପୁଟ୍ ସହାୟତା ରାଶି ବଂଟନର ଶୁଭାରମ୍ଭ ଅବସରରେ କନ୍ଧମାଳ ଜିଲ୍ଲାର ଚାଷୀମାନଙ୍କୁ ମଧ ଧାନର ସର୍ବନିମ୍ନ ଏଫ୍.ଏ.କ୍ୟୁ. ମୂଲ୍ୟ କ୍ୱିଂଟାଲ ପିଛା ୨ହଜାର୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍ପୁଟ୍ ସହାୟତା ରାଶି ସହିତ ସମୁଦାୟ ୩ହଜାର୧୦୦ ଟଙ୍କା ପ୍ରଦାନ କରାଯିବ । ଏହି ଉପଲକ୍ଷେ ଫୁଲବାଣୀର କରୋନେସନ ପଡ଼ିଆରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ, ଫୁଲବାଣୀ ଉମାଚରଣ ମଲ୍ଲିକ କହିଲେ ଯେ, ତାଙ୍କ ସରକାର ଓଡ଼ିଶାର ଚାଷୀମାନଙ୍କୁ ସମ୍ମାନ ଜଣାଇବା ସହିତ ସେମାନଙ୍କୁ ସେମାନଙ୍କର କଠିନ ପରିଶ୍ରମର ମୂଲ୍ୟ ଦେବାକୁ ଯାଉଛି । ପ୍ରିୟ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରତିଶ୍ରୁତିକୁ ପ୍ରଥମ ବର୍ଷରୁହିଁ ଲାଗୁ କରିଛନ୍ତି । ସେଥିପାଇଁ ତାଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଦେଇଥିଲେ । ଯେଉଁ ଅତିରିକ୍ତ ଇନ୍ପୁଟ୍ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି ତାହା ଧାନ ବିକ୍ରୟର ୪୮ ଘଂଟା ମଧ୍ୟରେ ଚାଷୀମାନଙ୍କ ଆକାଉଂଟରେ ଜମାହେବ । ସେହିପରି, କଥାଦେଇଥିବା ଶୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ମଧ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟରେ ଜମାହୋଇସାରିଛି । ଯଦି କୌଣସି ଅସୁବିଧା ବଶତଃ ଜମା ହୋଇନାହି ଖୁବ୍ କମ୍ ଦିନ ମଧ୍ୟରେ ଜମା ହୋଇଯିବ । ସମସ୍ତେ ଟଙ୍କା ପାଇଲାପରେ ଦ୍ୱିତୀୟ କିସ୍ତି ଦିଆଯିବ । ତାଙ୍କର ଅନୁରୋଧ କ୍ରମେ ଜିଲ୍ଲାପାଳ ଆସନ୍ତା ମାସରୁ ଆଉ ୪୪ ଗୋଟି ରଟେଲ ପଏଣ୍ଟ ଖୋଲିଛନ୍ତି । ଫଳରେ ନିଜର ଘର ପାଖରେ ଧାନ ବିକ୍ରୟ କରିବା ସହିତ ଆଗାମି ଦିନରେ ମାସିକ ଚାଉଳ ମଧ ସଂଗ୍ରହ କରିପାରିବେ ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଜିଲ୍ଲାପାଳ, କନ୍ଧମାଳ ଅମ୍ରିତ ଋତୁରାଜ ଖରିଫ ୨୦୨୪-୨୫ ବର୍ଷ ସକାଶେ ଧାନକ୍ରୟ ଉପରେ ସୂଚନା ଦେବା ସହିତ ଧାନର ସର୍ବନିମ୍ନ ମୂଲ୍ୟ ସହିତ ଅତିରିକ୍ତ ଇନ୍ପୁଟ୍ ସହାୟକ ରାଶି କିଭଳି ବିକ୍ରୟର ୪୮ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଂଟରେ ଜମାହେବ ସେ ବିଷୟରେ ଆଲୋଚନା କରିଥିଲେ । ଆଶା କରାଯାଉଛି ଚଳିତ ବର୍ଷ ଅଧିକ ପରିମାଣର ଧାନ ମଣ୍ଡିକୁ ଆସିବ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ

ଜୟପୁର, ୦୯/୧୨ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ଠାରେ ୩୨ ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ାରେ ମୁଖ୍ୟ ଅତିଥି ଗୌତମ ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରେମାନନ୍ଦ ନାୟକ, ସମ୍ପାଦକ ସତ୍ୟବାଦୀ ମିଶ୍ର, କୋଷାଧକ୍ଷ ମିହିର କୁମାର ମିଶ୍ର, ସଦସ୍ୟ ସନ୍ତୋଷ କୁମାର ବେହେରା, ପ୍ରଧାନ ଆଚାର୍ଯ୍ୟ ଡକ୍ଟର ରମଣୀ ରଞ୍ଜନ ଦାସ ଉପସ୍ଥିତ ରହି କ୍ରୀଡ଼ାର ଉଦଘାଟନ କରିବା ସହ ଖେଳକୁ ଆଗେଇ ନେଇଥିଲେ । ମଜାଳିଆ ଖେଳ ହାଣ୍ଡି ଫୋଟା । , ଛୁଂଚି ସୂତା, ଅଖା ଡିଆଁ, ବେଙ୍ଗ ଡିଆଁ, ଠିଆ ପୁଚି, ବସା ପୁଚି, ଝିଲାପି ଦୌଡ଼, ମୁଣ୍ଡରେ ଥାଳି ରଖି ଚାଲିବା, ଗଣିତ ଦୌଡ଼ , ପଛୁଆ ଦୌଡ଼ ଇତ୍ୟାଦି ଖେଳରେ ବିଦ୍ୟାଳୟ ଶିଶୁ ଭାଇ ଭଉଣୀ, ଅଭିଭାବକ, ଅଭିଭାବକ, ପୂର୍ବତନ ଛାତ୍ର ଛାତ୍ରୀ, ଗୁରୁଜୀ ଗୁରୁମା ଅତି ଆନନ୍ଦରେ ଖେଳିବା ସହ ଏହି ଖେଳରେ କୃତିତ୍ୱ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ

ଜୟପୁର, ୦୯/୧୨ (ନି.ପ୍ର): ଜାତୀୟ ସ୍ତରୀୟ ଆଦିବାସୀ ମହୋତ୍ସବ ପରବ ଅବସରରେ ଜିଲା ସ୍ତରିୟ ଚିତ୍ରକଳା ପ୍ରଦର୍ଶନୀ ଆଜି ଶ୍ରୀ ବିକ୍ରମ ଚାରୁ ଓ କାରୁକଳା ସରକାରୀ ବିଦ୍ୟାଳୟ ଜୟପୁର ଠାରେ ଅନୁଷ୍ଠିତ ହୋଇଛି । ଜିଲା ସ୍ତରିୟ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ଜୟପୁର ଉପ ଜିଲାପାଳ ଆକାବରମ ସସ୍ୟା ରେଡ୍ଡି ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରି ପ୍ରୀତିସୁଧା ଜେନା, ଜୟପୁର ଅତିରିକ୍ତ ପୌର କାର୍ଯ୍ୟନିର୍ବାହି ଅଧିକାରି କୃତିବାସ ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରି ଯଶୋଦା ଗାଦବା, ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଠିର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । କୋରାପୁଟ ଜିଲାର ବିଭିନ୍ନ ବ୍ଲକରୁ ଭାଗ ନେଇଥିବା ସମସ୍ତ ପ୍ରତିଯୋଗି ମାନଙ୍କ ଚିତ୍ର ପ୍ରଦର୍ଶନି କରାଯାଇଥିଲା । ଜିଲାର ବିଭିନ୍ନ ବ୍ଲକର ୪୦ ପ୍ରତିଯୋଗି ଭାଗ ନେଇଥିଲେ । ମୋ କୋରାପୁଟ ଓ ମୋ ଗୌରବ ଉପରେ ଚିତ୍ର ଆଙ୍କି ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଠିର ମଲ୍ଲିକ, କଳା ଶିକ୍ଷକ କ୍ରିଷ୍ଣା ପାଙ୍ଗି, ଅଛନା ଦାସ, କର୍ମଚାରି କେ ସୁନିଲ କୁମାର, ସୁରେନ୍ଦ୍ର ବାଘ, ଶ୍ରୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଜା ଅଦାର ରହିଛି ଅନେକ ଚମତ୍କାରୀ ଗୁଣ, ଆଣ୍ଠୁ ଯନ୍ତ୍ରଣାରୁ ଦିଏ ମୁକ୍ତି ବଢାଏ ଶକ୍ତି



ରୋଷେଇ ଘରର ମୂଲ୍ୟବାନ ମସଲା ମାନଙ୍କ ମଧ୍ୟରୁ ଅଦା ହେଉଛି ଏକ ପ୍ରମୁଖ ମସଲା । ନିରାମିସ ତରକାରୀ ହେଉ କି ଆମିଶ ସବୁଥିରେ ଲୋଡା ପଡିଥାଏ ଅଦା । ଖାଲି ତରକାରୀରେ ମସଲା ଭାବେ ବ୍ୟବହାର କରାଯାଇନଥାଏ ଅଦାକୁ ବରଂ ଅଦାର ଅନେକ ଔଷଧିୟ ଗୁଣ ଅଛି । ସାଧାରଣତଃ ଯଦି କେବେ ଆମର ପେଟ କାଟେ ସେତେବେଳେ ମା' କି ଜେଜେ ମା ସାଙ୍ଗେ ସାଙ୍ଗେ କହିଥାନ୍ତି ଟିକେ ଅଦାକୁ ଲୁଣ ସହ ଚୋବାଇ ଦେ ଭଲ ହୋଇଯିବ । ଏହା ପ୍ରାୟତଃ ସମସ୍ତିଙ୍କ କ୍ଷେତ୍ରରେ ଘଟିଥିବ । ପେଟ ଯନ୍ତ୍ରଣାରୁ ମଧ୍ୟ ଆରାମ ମିଳିଥାଏ । କାହିଁ କେଉଁ ଯୁଗରୁ ଆୟୁର୍ବେଦ ଏବଂ ଘରୋଇ ଉପଚାରରେ ଅଦାକୁ ବ୍ୟବହାର କରାଯାଇ ଆସୁଛି । ଅଦାର ଔଷଧିୟ ଗୁଣ ପ୍ରାୟତଃ ସମସ୍ତଙ୍କୁ ଜଣା । କିନ୍ତୁ ଯଦି ଆମେ ଅଦାକୁ ଭାଜିକି ଖାଇବା ତେବେ ଏହାର ଔଷଧିୟ ଗୁଣ ଆହୁରି ବଢିଯାଇଥାଏ । ଆଜ୍ଞା ହଁ ଭଜା ଅଦାର ଚମତ୍କାରିତା ଗୁଣ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହେବେ । ଅଦାକୁ ଭାଜିକି ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ । ଏହା କେବଳ ଶରୀରକୁ ରୋଗରୁ ରକ୍ଷା କରିଥାଏ ତାହା ନୁହେଁ ବରଂ ଆପଣଙ୍କ ଶରୀରକୁ ପ୍ରାକୃତିକ ରୁପରେ ମଜଭୁତ କରିଥାଏ ଏବଂ ଶକ୍ତିଶାଳୀ କରିଥାଏ । ତେବେ ଆସନ୍ତୁ ଜାଣିବା ଭଜା ଅଦା ଖାଇବା ଦ୍ୱାରା କଣ କଣ ଲାଭ ମିଳିଥାଏ ।

ହଜମ ପ୍ରକ୍ରିୟାରେ ଉନ୍ନତି: ଭଜା ଅଦା ହଜମ ପାଇଁ ଖୁବ୍ ଲାଭଦାୟକ । ଏହା ପେଟର ଗ୍ୟାସ, ଏସିଡିଟି ଏବଂ ହଜମ ଜନିତ ସମସ୍ୟା ଦୂର କରିଥାଏ । ଅଦାରେ ଥିବା ଜିଞ୍ଜରୋଲ ଏବଂ ଶୋଗଲ ନାମକ ଯୌଗିକ ଆମର ହଜମ ଏନଜାଇମକୁ ସକ୍ରିୟ କରିଥାଏ, ଯେଉଁ କାରଣରୁ ଖାଦ୍ୟ ଶୀଘ୍ର ଏବଂ ସଠିକ୍ ଭାବରେ ହଜମ ହୋଇଥାଏ ।

ଇମ୍ୟୁନ ସିଷ୍ଟମକୁ ମଜଭତ କରିଥାଏ : ଅଦାରେ ଆଣ୍ଟିଅକ୍ସିଡେଣ୍ଟ ଏବଂ ଆଣ୍ଟି- ଇନ୍‌ଫ୍ଲାମେଟୋରୀ ଗୁଣ ମିଳିଥାଏ । ଯାହା ଇମ୍ୟୁନ ସିଷ୍ଟମକୁ ମଜଭୁତ କରିବାରେ ସହାୟତା କରିଥାଏ । ଭଜା ଅଦା ଖାଇବା ଦ୍ୱାରା ଥଣ୍ଡା-କାଶ, ଗଳା ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ଏଥିସହିତ ଶରୀରକୁ ରୋଗ ସହ ଲଢିବା ପାଇଁ ଶକ୍ତି ଦେଇଥାଏ ।

ଆଣ୍ଠୁ ଯନ୍ତ୍ରଣା ଏବଂ ଦରଜରୁ ଦେଇଥାଏ ମୁକ୍ତି : ଆଣ୍ଠୁ ଗଣ୍ଠି ଏବଂ ଅନ୍ୟାନ୍ୟ ଯନ୍ତ୍ରଣାରୁ ଆରାମ ଦେଇଥାଏ ଭଜା ଅଦା । ଦରଜ କମ କରିଥାଏ ଭଜା ଅଦା ।



ସୁଗାର ଲେବଲକୁ ନିୟନ୍ତିତ କରିଥାଏ: ଅଦାରେ ପ୍ରାକୃତିକ ଭାବରେ ସୁଗାର କୁ ନିୟନ୍ତ୍ରଣ କରିବାର କ୍ଷମତା ରହିଥାଏ । ଭଜା ଅଦାର ନିୟମିତ ସେବନ ଶରୀରରେ ଇନସୁଲିନ୍ ର କାର୍ଯ୍ୟକ୍ଷମତାକୁ ସୁଧାରିଥାଏ ଏବଂ ବ୍ଲଡ ସୁଗାର ଲେବଲକୁ ସ୍ଥିର ରଖିଥାଏ ।

ଓଜନ କମାଇବାରେ ସହାୟକ: ମେଟାବୋଲିଜିମ୍ କୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ଅଦା । ଅଦାକୁ ଭାଜିକରି ଖାଇବା ଦ୍ୱାରା ଓଜନ କମିବା ପ୍ରକ୍ରିୟା ଦୃତ ହୋଇଯାଇଥାଏ । ଏହା ଭୋକକୁ ନିୟନ୍ତର କରିଥାଏ।

ହାର୍ଟ ପାଇଁ ଲାଭଦାୟକ: ଭଜା ଅଦା ହୃଦ ରୋଗରୁ ରକ୍ଷା କରିଥାଏ । ଏହା ଖରାପ କୋଲେଷ୍ଟ୍ରାଲ କୁ କମ କରିଥାଏ ଏବଂ ବ୍ଲଡ ସର୍କୁଲେଶନକୁ ରେ ଉନ୍ନତି ଆଣିଥାଏ । ଯାହାଦ୍ୱାରା ହାର୍ଟ ସୁସ୍ଥ ରହିଥାଏ ।

ବିଶାଦ ଏବଂ ଚିନ୍ତାରୁ ମୁକ୍ତି: ଅଦା ସେବନ ଦ୍ୱାରା ମାନସିକ ଚାପ ଏବଂ ଚିନ୍ତା କମ ହୋଇଥାଏ । ଭଜା ହୋଇଥିବା ଅଦା ମସ୍ତିସ୍କକୁ ଉତ୍ତମ କରିଥାଏ ଏବଂ ମୁଡ୍ କୁ ସ୍ଥିର କରିବାରେ ସହାୟକ ହୋଇଥାଏ ।

ଭଜା ଅଦାକୁ ଖାଇବାର ମାଧମ: ପ୍ରଥମେ ଅଦାକୁ ଛୋଟ ଛୋଟ କରି କରି କାଟି ଦିଅନ୍ତୁ । କଟା ହୋଇଥିବା ଅଦାକୁ କମ୍ ଆଞ୍ଚରେ ଭାଜନ୍ତୁ, ଏହାର ରଙ୍ଗ ହାଲୁକା ବାଦାମୀ ହେବା ଯାଏଁ ଭାଜନ୍ତୁ । ପରେ ଏହାକୁ ତଣ୍ଡା କରି ସିଧା ଖାଇପାରିବେ ଅଥବା ଚା ରେ ପକାଇ ଏହାର ସେବନ କରିପାରିବେ ।

କିଛି ସତର୍କ ସୂଚନା : ଅଧିକ ମାତ୍ରାରେ ଅଦାର ସେବନ କରିବା ଦ୍ୱାରା ପେଟରେ ଜ୍ୱଳନ ସୃଷ୍ଟି ହୋଇଥାଏ । ଗର୍ଭବତୀ ମହିଳା ଏବଂ ଗମ୍ଭୀର ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡିତ ଥିବା ବ୍ୟକ୍ତି ଭଜା ଅଦାର ସେବନ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



# ଅମୃତଭଣ୍ଡାର ସ୍ୱାସ୍ଥ୍ୟପ୍ରଦ ଗୁଣ

ଅମୃତଭଣ୍ଡା ଯୁଗେ ଯୁଗେ ତାହାର ନାମର ସାର୍ଥକତା ପ୍ରଦାନ କରି ଆସିଛି। ତାହାର ସ୍ୱାସ୍ଥ୍ୟପ୍ରଦ ଗୁଣ ଯୋଗୁଁ ସମସ୍ତଙ୍କ ପାଇଁ ତାହା ଏକ ପ୍ରିୟ 'ଫଳ ଆଉ ପରିବା'ର ମାନ୍ୟତା ରଖି ଆସିଛି। ଗର୍ଭବତୀମାନଙ୍କୁ ପ୍ରସବ ପରେ ଜୀର୍ଣ୍ଣକ୍ରିୟାକୁ ସୁଗମ କରିବା ଲାଗି ଅମୃତଭଣ୍ଡାକୁ ପ୍ରଥମ ଫଳ ଭାବରେ ଖାଇବାକୁ ଦିଆଯାଇଥାଏ। ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଥିବା ଅମୃତଭଣ୍ଡାକୁ ନିୟମିତ ଖାଇବା ଦ୍ୱାରା ତାହା ହୃଦ୍‌ରୋଗ କି କର୍କଟ ପରି ଦୀର୍ଘକାଳୀନ ରୋଗ ବିରୋଧରେ କାମ କରିଥାଏ। ଏଥିରେ ଥିବା ଭିଟାମିନ୍ ସି' ଆମର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ତ୍ୱଚାର ଗଢ଼ଣକୁ ଉନ୍ନତ କରିଥାଏ। ଏଥିରେ ଥିବା ବିଟା-କ୍ୟାରୋଟିନ୍ ଚର୍ମରେ କୋଲାଜେନ୍ ସୃଷ୍ଟିରେ ସହାୟକ ହୋଇ ତ୍ୱଚାକୁ ସୂର୍ଯ୍ୟରଶ୍ମିଜନିତ କ୍ଷତିର ଭରଣା କରିଥାଏ। ଗୋଟିଏ ଛୋଟ ଅମୃତଭଣ୍ଡାରୁ ଆମର ଦୈନିକ ଆବଶ୍ୟକ ଭିଟାମିନ୍ ସି'ର ପୂର୍ଣ୍ଣ ପରିମାଣ ମିଳିପାରିବ। ଅମୃତଭଣ୍ଡାର ସେଭଳି ଆଉ କିଛି ସ୍ୱାସ୍ଥ୍ୟପ୍ରଦ ଗୁଣ ବାବଦରେ ଜାଣିବା। ଏଥିରେ ଥିବା 'ପାପାଇନ୍' ନାମକ ଏଞ୍ଜାଇମ୍ ଆମର ହଜମକ୍ରିୟାରେ ପ୍ରୋଟିନ୍‌କୁ ଭାଙ୍ଗି ଜୀର୍ଣ୍ଣତାକୁ ସୁଗମ କରିଥାଏ। ଫଳରେ ପେଟ ଫୁଲିବା କି ବାମ୍ଫିବା ସମସ୍ୟା ହୋଇନଥାଏ। ଅମୃତଭଣ୍ଡାରେ ଉଚ୍ଚମାନର ତନ୍ତୁ ଓ ଜଳ ରହିଥାଏ, ଯାହା ବୃହଦନ୍ତ୍ରରେ ଖାଦ୍ୟ ସାମଗ୍ରୀ ବର୍ଜ୍ୟର ପ୍ରବାହକୁ ସୁଗମ କରି କୋଷ୍ଠକାଠିନ୍ୟ ଦୂର କରିଥାଏ। ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି' ସମେତ ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକ ଶରୀରକୁ ହୃଦ୍‌ରୋଗ ଓ କର୍କଟଜନିତ ଅକ୍ସିଡେଟିଭ୍ ଚାପରୁ ମୁକ୍ତ ରଖିଥାଏ। ଏହା ଶ୍ୱେତ ରକ୍ତକଣିକା ସୃଷ୍ଟିରେ ସହାୟକ ହୋଇ ଶରୀରର କୌଣସି ପ୍ରକାର ସଂକ୍ରମଣ କି ପ୍ରଦାହ ବିରୋଧରେ କାମ କରିଥାଏ।

# ରୋଗ ଆଣୁଛି ଫ୍ରେଞ୍ଚ୍ ଫ୍ରାଇସ୍ ! ପାଟିକୁ ସୁଆଦ ହେଲେ ସ୍ୱାସ୍ଥ୍ୟ ପାଇଁ ସଜା



ପ୍ରତିଟି ରୋଷେଇ ଘରର ପରିବା ଝୁଡ଼ିର ରାଜା ହେଉଛି ଆଳୁ । ଆଳୁ ନଥିଲେ କିଛି ହେବନି । ଭଜାରୁ ଆରମ୍ଭ କରି ଭରତା ପର୍ଯ୍ୟନ୍ତ ସଭିଙ୍କୁ କିମିଆ କରିଛି ଆଳୁ । ଏମିତିକି ବଡ଼ ବଡ଼ ମଲ୍ , ରେସ୍ତୋରାଁର ଫୁଡ୍ କୋର୍ଟରେ ମଧ୍ୟ ଆଳୁର ଚାହିଦା କାହିଁରେ କେତେ । ଆଳୁରେ ପ୍ରସ୍ତୁତ ଫ୍ରେଞ୍ଚ୍ ଫ୍ରାଇସ୍ ଖାଇବାକୁ ତ ଛୋଟପିଲା ଯେମିତି ପାଗଳ । କିନ୍ତୁ ଫ୍ରେଞ୍ଚ୍ ଫ୍ରାଇସକୁ ଲଗାତାର ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଏହାର ଗଭୀର ପ୍ରଭାବ ପଡ଼େ । ଏହା ଆମେ ନୁହଁ ଆଜ୍ଞା ଡାକ୍ତର କହୁଛନ୍ତି । 'ଦ ଆମେରିକାନ୍ ଜର୍ଣ୍ଣାଲ୍ ଅଫ୍ କ୍ଲିନିକାଲ୍ ନ୍ୟୁଟ୍ରିସନ୍' ମୁତାବକ ୪୫୦୦ ଜଣ ଯୁବବର୍ଗଙ୍କ ଉପରେ ଯେତେବେଳେ ଷ୍ଟଡି କରାଗଲା ଏକ ଚକିତ କରିଦେଲା ଭଳି ଖବର ସାମ୍ନାକୁ ଆସିଲା । ରିପୋର୍ଟରେ କୁହାଗଲା କି ଯେଉଁ ଲୋକମାନେ ପ୍ରତି ସପ୍ତାହରେ ଫ୍ରେଞ୍ଚ୍ ଫ୍ରାଇସକୁ ୨ ଥରରୁ ଅଧିକ ଖାଆନ୍ତି ସେମାନଙ୍କ କ୍ଷେତ୍ରରେ ମୃତ୍ୟୁର ବିପଦ ଦୁଇଗୁଣା ବଢିଯାଏ । ଫ୍ରେଞ୍ଚ୍ ଫ୍ରାଇସରେ କ୍ୟାଲୋରୀ ଅଧିକ ଥିବାରୁ ଏଥିରେ ଡାଇଜେସନ୍ ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟସ୍ କମ୍ ଥାଏ । ପାଟିକୁ ସୁଆଦ ଲାଗୁଥିବା ଏହି ଫ୍ରେଞ୍ଚ୍ ଫ୍ରାଇସକୁ ପ୍ରତିଦିନ ଖାଇଲେ ପେଟ ଦରଜ ସମସ୍ୟାରେ କଲବଲ ହେବାକୁ ପଡ଼ିଥାଏ । ଏହାଛଡ଼ା ଡାଇରିଆ , ବାନ୍ତି ଏବଂ ଗ୍ୟାସ୍ ଭଳି ସମସ୍ୟା ଯେମିତି ଶରୀରକୁ କୁଣିଆ ଭଳି ପ୍ରବେଶ କରନ୍ତି। ଫ୍ରେଞ୍ଚ୍ ଫ୍ରାଇସ୍ ଖାଇବା ଦ୍ୱାରା ମସ୍ତିଷ୍କ ଉପରେ ମଧ୍ୟ ଏହାର କୁପ୍ରଭାବ ପଡ଼ିଥାଏ । ହାଇଡ୍ରୋଜେନେଟେଡ୍ ଅଏଲ୍ ଏବଂ ଫ୍ରାଇସରେ ଅଧିକ ମାତ୍ରାରେ ଟ୍ରାନ୍ସ ଫ୍ୟାଟ୍ ଥିବାରୁ ଅଲଜାଇମର୍ ରୋଗର ବିପଦ ଅଧିକ ବଢିଯାଏ । ଏଥିରେ ସ୍ମୃତିଶକ୍ତି କ୍ଷୀଣ ବା ମେମୋରୀ ଲସ୍ ହେବାର ମଧ୍ୟ ସମ୍ଭାବନା ଥାଏ । ଫ୍ରେଞ୍ଚ୍ ଫ୍ରାଇସର ପ୍ରଭାବ ଇମ୍ୟୁନ୍ ସିଷ୍ଟମ୍ ଉପରେ ମଧ୍ୟ ପଡେ । ଏଭଳି ଖାଦ୍ୟରେ ଅନହେଲ୍‌ଦି ବ୍ୟାକ୍ଟେରିଆ ଆପଣଙ୍କ ଗଟ୍ ମାଇକ୍ରୋବାୟୋମକୁ କ୍ଷତି ପହଂଚାଇଥାନ୍ତି । ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କମେ ଯାହାଦ୍ୱାରା ରୋଗ ସହ ଲଢିବାର କ୍ଷମତା କମିଯାଏ ।

ଫ୍ରେଞ୍ଚ୍ ଫ୍ରାଇସ୍ ଲଗାତାର ଖାଇବା ଦ୍ୱାରା ହୃଦୟ ଜନିତ ରୋଗର ବିପଦ ଅଧିକ ବଢିଯାଏ । ତେଲରେ ଛଣା ହୋଇଥିବା ଖାଦ୍ୟ ହାର୍ଟ ବ୍ଲକେଜ୍ ସମସ୍ୟା ସୃଷ୍ଟି କରାଇ ହାର୍ଟ ଆଟାକ୍ ଏବଂ ଟ୍ରିପଲ୍ ବେସଲ୍ ଡିଜିଜ୍ ଭଳି ଗମ୍ଭୀର ସମସ୍ୟାକୁ ଜନ୍ମ ଦେଇଥାଏ । ଯୁବପିଢିଙ୍କ





ଭିତରେ ଓଜନ ବଢିବା ଯେମିତି ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏଭଳି ସ୍ଥିତିରେ ହାଇ କ୍ୟାଲୋରୀ ଫୁଡ୍ ଫ୍ରେଞ୍ଚ୍ ଫ୍ରାଇସ୍ ଖାଇବା ଦ୍ୱାରା ଅଣ୍ଟା ଚଉଡ଼ା ହେବା, ପେଟ ବଢିବା, ମେଦବହୁଳତାର ଶିକାର ହେବା ସମସ୍ୟା ବଢେ । ଯଦି ଆପଣ ମଧ୍ୟ ତୈଳଯୁକ୍ତ ଫ୍ରେଞ୍ଚ୍ ଫ୍ରାଇସ୍ ଖାଇବାର ସୌଖିନ ତାହେଲେ ଆଜିଠାରୁ ହିଁ କମାନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।

# ବାଦାମ, କାଜୁ ଠାରୁ ପିସ୍ତା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ, ଆସନ୍ତୁ ଜାଣିବା..

ବ୍ୟସ୍ତବହୁଳ ଜୀବନରେ ଆମେ ଆମ ସ୍ୱାସ୍ଥ୍ୟକୁ ଠିକ ଭାବେ ଧ୍ୟାନ ଦେଇପାରିନଥାଉ । ଖାଇବା ପିଇବାର ସଠିକ୍ ସମୟ ନିର୍ଦ୍ଧାରଣ କରିବା ମଧ୍ୟ କଷ୍ଟକର ହୋଇଥାଏ। ତେଣୁ ଶରରୀକୁ ଉଚିତ୍ ପୋଷଣ ପହଞ୍ଚି ପାରିନଥାଏ । ସେଥିପାଇଁ ପ୍ରାୟତଃ ଅଧିକାଂଶ ଲୋକେ ହେଲଦି ଡାଏଟ୍‌ରେ ଡ୍ରାଏ ଫ୍ରୁଟ୍ସକୁ ସାମିଲ କରିଥାନ୍ତି । ଯେତେବେଳେ ବି ଡ୍ରାଏ ଫ୍ରୁଟସ କଥା ଆଲୋଚନା ହୁଏ ସେତେବେଳେ ତୁରନ୍ତ ମାଇଣ୍ଡକୁ ଚାଲିଆସିଥାଏ ବାଦାମ, କାଜୁ ଏବଂ ପିସ୍ତା । କିନ୍ତୁ ବାଦାମ ଏବଂ କାଜୁ ଠାରୁ ପିସ୍ତାର ବ୍ୟବହାର ଖୁବ୍ ଅଧିକ ହୋଇଥାଏ । ହେଲେ ପ୍ରାୟତଃ ଲୋକେ ଏହା ଜଣିନଥିବେ ଯେ ବାଦାମ – କାଜୁ ଠାରୁ ପିସ୍ତା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ବୋଲି । ବାଦାମ ତୁଳନାରେ ପିସ୍ତାରେ ଅଧିକ ପ୍ରୋଟିନ୍ ମିଳିଥାଏ । ଏଥିରେ ୯ ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ମଧ୍ୟ ଥାଏ । ଯେଉଁଥିପାଇଁ ପିସ୍ତା ଉତ୍ତମ ସ୍ୱାସ୍ଥ୍ୟପାଇଁ ଆବଶ୍ୟକ ହୋଇଥାଏ ।

*ଗ୍ୟାସ୍ ସମସ୍ୟାରୁ ଦିଏ ମୁକ୍ତି:*
କୋଷ୍ଠକାଠିନ୍ୟ କିମ୍ବା ଗ୍ୟାସ୍ ସମସ୍ୟା, ମୁଣ୍ଡ ବ୍ୟଥା ଭଳି ସମସ୍ୟା ଥିବା ଲୋକଙ୍କ ପାଇଁ ପିସ୍ତା ଲାଭଦାୟକ ପ୍ରମାଣିତ ହୋଇପାରେ। ପ୍ରତ୍ୟେକ ଦିନ ଏହାର ସେବନ ଦ୍ୱାରା ଏହି ସବୁ ସମସ୍ୟାରୁ ମୁକ୍ତି ମିଳିଥାଏ । ।

*ଆଖିର ଜ୍ୟୋତି ପାଇଁ ଲାଭଦାୟକ:*
ପିସ୍ତାରେ ଆଣ୍ଟିଅକ୍ସିଡେଣ୍ଟ ଭରପୁର ଥାଏ । ଯାହା ଆଖିକୁ ନୀଳ ରଙ୍ଗର ଜ୍ୟୋତି ଠାରୁ ରକ୍ଷା କରିବାରେ ସହାୟକ ହୋଇଥାଏ ।

*ହାର୍ଟକୁ ସୁସ୍ଥ ରଖିବାରେ ସହାୟକ:*
ପିସ୍ତାରେ ମୋନୋଅନ ସେଚୁରେଟେଡ ଥାଏ । ଯାହା ହାର୍ଟ ପାଇଁ ଖୁବ ଲାୟଦାୟକ ହୋଇଥାଏ। ଏହା ଖରାପ କୋଲେଷ୍ଟ୍ରାଲକୁ କମ୍ କରିବା ସହ ଭଲ କୋଲେଷ୍ଟ୍ରାଲକୁ ବୃଦ୍ଧି କରିଥାଏ । ନିୟମିତ ପିସ୍ତା ଖାଇବା ଦ୍ୱାରା ହାର୍ଟ ସହିତ ଯଡିତ ସମସ୍ୟା କମ ହୋଇଥାଏ ।

*ଓଜନ କମାଇବାରେ ସହାୟକ:*
ଯଦି ଆପଣ ଶରୀରର ଓଜନ କମ କରିବାକୁ ଚାହୁଁଛନ୍ତି ତେବେ ଏଥିପାଇଁ ପିସ୍ତା ଉତ୍ତମ ମାଧମ । କାରଣ ଏଥିରେ କମ କ୍ୟାଲୋରୀ ଏବଂ ଅଧିକ ପ୍ରୋଟିନ୍ ଏବଂ ଫାଇବର ରହିଥାଏ । ଯାହା ଭୋକକୁ ନିୟନ୍ତ୍ରିତ କରିଥାଏ । ଆଉ ଲମ୍ବା ସମୟ ପର୍ଯ୍ୟନ୍ତ ପେଟ ଭରିଲା ଭଳି ଅନୁଭବ କରାଇଥାଏ । ଏହାଦ୍ୱାରା ଅସ୍ୱାସ୍ଥ୍ୟକର ଖାଇବା ଅଭ୍ୟାସରୁ ମୁକ୍ତି କରିଥାଏ ।

*ତ୍ୱଚାକୁ ଚିକଣ କରିବାରେ ସହାୟକ:*
ପିସ୍ତାରେ ଭିଟାମିନ ଇ' ଏବଂ ଆଣ୍ଟିଅକ୍ସିଡେଣ୍ଟ ପ୍ରଚୁର ମାତ୍ରାରେ ମିଳିଥାଏ । ଯାହା ତ୍ୱଚାକୁ ସୁସ୍ଥ ଏବଂ ଉଜ୍ଜ୍ୱଳ ରଖିବାରେ ସହାୟକ ହୋଇଥାଏ । ଚର୍ମର ଆର୍ଦ୍ରତା ବଜାୟ ରଖିବା ସହ ଅକାଳ ବୃଦ୍ଧାବସ୍ଥାର ଲକ୍ଷଣକୁ ରୋକିଥାଏ ।

*ଇମ୍ୟୁନିଟିକୁ ମଜଭୁତ କରେ:*
ପିସ୍ତାରେ ଭିଟାମିନ୍ ବି- ୬ ଏବଂ ଅନ୍ୟ ପୋଷଣ ତତ୍ତ୍ୱ ଥାଏ । ଯାହା ଶରୀରର ଇମ୍ୟୁନିଟିକୁ ମଜଭୁତ କରିଥାଏ । ଏଥରୁ ରୋଗ ସହ ଲଢିବା ପାଇଁ ଶକ୍ତି ବଢିଥାଏ । ଆଉ ଶରୀରକୁ ସୁସ୍ଥ ରଖିବାର ସହାୟକ ହୋଇଥାଏ । ତେବେ ଏହାତ ଥିଲା ମାତ୍ର ସସ୍ୟକ ସୂଚନା । କିନ୍ତୁ ଯେକୌଣସି ଜିନିଷ ଖାଇବା ପୂର୍ବରୁ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଆଉ ନିଶ୍ଚିତରେ ସେବନ କରନ୍ତୁ ।

## ଆସନ୍ତୁ ଜାଣିବା ପିସ୍ତାର ଉପକାରିତା ସମ୍ପର୍କରେ..

ସବୁଜ ରଙ୍ଗର ଏହି ଆକର୍ଷଣୀୟ ଡ୍ରାଏଫ୍ରୁଟ ପ୍ରାକୃତିକ ଆଣ୍ଟିଅକ୍ସିଡେଣ୍ଟ ଗୁଣ ପାଇଁ ବେଶ୍ ଜଣାଶୁଣା । ଏହା କେବଳ ଦେଖିବାକୁ ସୁନ୍ଦର ତାହା ନୁହେଁ ବରଂ ଏହାର ନିୟମିତ ସେବନ ଦ୍ୱାରା ଶରୀରକୁ ଅନେକ ପ୍ରକାର ଲାଭ ମିଳିଥାଏ । ପ୍ରତ୍ୟେକ ଦିନ ମୁଠାଏ ପିସ୍ତା ଖାଇବା ଦ୍ୱାରା ଆପଣଙ୍କ ସାସ୍ଥ୍ୟରେ ଅନେକ ଉନ୍ନତି ଆସି ପାରେ । ପିସ୍ତାରେ ଫାଇବରର ମାତ୍ରା ଅଧିକ ଥାଏ। ଯାହା ପାଚନ ତନ୍ତ୍ରକୁ ଉତ୍ତମ ରଖିବା ସହ ହଜମ ପ୍ରକ୍ରିୟାକୁ ସହଜ କରିଥାଏ ।



## ନାରୀ, ବେଗମତୀ ନଈ


### ସୁଜିତ କୁମାର ମିଶ୍ର




ପଡୁଛି ଉଠୁଛି ସେ ଚାରିପଟକୁ
ହୃଦୟ ହାତୁଡିରେ ସଜାଡୁଛି ।

ନାରୀ ଭିନ୍ନ ଭିନ୍ନ ଅବତାରରେ
ପ୍ରେମର ପୀୟୂଷ,
କର୍ମମୟ ଜୀବନରେ ଯନ୍ତ୍ର ପରି ସେ
ଯନ୍ତ୍ର ଓ ଚଳ ଚଞ୍ଚଳ,
ଦୁବଘାସ, ଦେବପୂଜାରେ
ସମର୍ପିତ ହେବା ପରି ସେ ସମର୍ପଣର
ଦୁର୍ମୂଲ୍ୟ ଗହଣା,
ତ୍ୟାଗର ଲହୁଲୁହ, ବିଶ୍ୱାସର ନଈଘାଟ ।

ବର୍ଷାରେ ଯେମିତି ମାଟି ଭିଜେ
ମମତାର ବର୍ଷାରେ
ନିତି ଭିଜୁଥିବା ମଣିଷଟି
ନାରୀ ହିଁ ତ ନିଜେ ।

ନାରୀ
ବିଭୋରପଣରେ ବାୟାଚଢ଼େଇର ବସାଟିଏ,
କି ଗ୍ରୀଷ୍ମ କି ଶୀତ କି ଖରା
ସବୁକୁ ମାଖି ତା ଅନ୍ତରେ ସେ
ଅନାସକ୍ତେ ଝୁଲୁଥାଏ,
ନାରୀ ମିଠା ଭାବରେ ବହିଯାଉଥିବା
ବେଗମତୀ ନଈଟିଏ ।

କେଉଁ ସ୍ୱାର୍ଥ ଅମରାବତୀର
ସେ ନୁହେଁ କ୍ଷଣିକ ରୂପସୀ,
ସେ ନୁହେଁ କେଉଁ ବ୍ୟର୍ଥ ବୈଭବ
ରାଶିରାଶି, ସେ କେବେ ଦେବଦାସୀ,
କେବେ ଉଦାର ଦେବଦାରୁ
କେବେ ତପସ୍ୱିନୀ
କେବେ ପ୍ରେମମୟୀ ତୃଷ୍ଣା ତଟିନୀ

କେବେ କରୁଣାର ତାରକସୀ,
ନାରୀ ଅପରୂପା ଅନୁପମା
ଆକର୍ଷଣୀୟ ଜ୍ୟୋତ୍ସ୍ନା ବେଶୀ ।

ଏ ଡାଳରୁ ସେ ଡାଳକୁ
ଉଡି ଉଡି ବିହଙ୍ଗ ପରି
ବାଣ୍ଟୁଥିବା ମମତା ନାରୀ,
ପାହାଚ ପରେ ପାହାଚ ଅତିକ୍ରମ କରି
ନାରୀ ଯୁଗଶ୍ରୀ, ଶୁଭଶ୍ରୀ,
ଅଗମ୍ୟ ପଥରେ ଚାଲି ଚାଲି
ଆଶାର ଆଲୋକ ସଞ୍ଚରି ସେ
ସାଉଁଟୁଥିବା ଶିରୀ,
ମୁଠାଏ ଭରସାରେ ସେ
ମିଠା ବନ୍ଧନର ଯୋଡି ମହୁରୀ,
ହେଲେ ତା ଛାତି ତଳ ତାତିକୁ
କେଇଜଣ ଦେଖିଛନ୍ତି ଆଖି ଖୋଲି ?

ସେ ତ୍ୟାଗର ବିଶାଳ ସିନ୍ଧୁ,
କାହାର ସ୍ୱପ୍ନ ପାଇଁ ସେ ଅଶ୍ରୁସ୍ନାତା,
ନିଜେ ଚିରାଫଟା ଗୁଡେଇ ହୋଇ
ଅନ୍ୟ ପାଇଁ ସେ ସୌନ୍ଦର୍ଯ୍ୟର ଭେକ,
ସେ ବେରଙ୍ଗ ହେଲେ ବି
ପ୍ରତି ଅଗଣାରେ ଫଗୁଣର ରଙ୍ଗ,
ବୈଶାଖ ପରେ ମରତ ହସେ
ସେ କିନ୍ତୁ ଚିରକାଳ ବୈଶାଖ
ବର୍ଷ ବର୍ଷ ହସି ହସି,

ପରଳ ପୂର୍ଣ୍ଣ ଆଖିରୁ କିନ୍ତୁ ଏଠି ଝରେନି
ଲୁହ ବିନ୍ଦୁ ବିନ୍ଦୁ ।

ଯେଉଁ ପକ୍ଷୀର ଆକାଶ
ଦିନେ ଥିଲା ସାତ ସପନ
ତା ଦେହରେ ସେ ହୋଇଥିଲା ଡେଣା,
ପକ୍ଷୀ ଏବେ ସମର୍ଥ,
ପକ୍ଷୀ ଏବେ ସ୍ୱପ୍ନିଳ, ସେ କିନ୍ତୁ ଏବେ
ଅଣଓସାରିଆ କୋଠରୀରେ
ସବୁ ପ୍ରତାରିତ ପୀଡିତଙ୍କ ସହ ଏକାଠି,
ଗରମ ଲୁହାର ତାତିରେ ସେ ବେହାଲ,
ଆଖିର ଲୁଣି ଲୁହ, ଛାତିର ତିକ୍ତ କୋହ ତ
ତାର ଅସରନ୍ତି ପାଉଣା ।

ନାରୀ ତ ମନ୍ଦିରର ଦେବୀ ପରି ପୂଜିତା,
ସେ କଣ ହୋଇପାରେ ନିନ୍ଦିତା ?
ଲାଗିନିକି ତା ଦେହରେ
କଳଙ୍କର କଳାଦାଗ,
ବାଟହୁଡିନିକି ଉଗ୍ର ସ୍ୱାଧୀନତାର
ଉଜାଣି ସୁଅରେ,
ସେ କଣ ହୋଇପାରେ ନିନ୍ଦିତ
ଯାହାର ଆଚରଣର ଶଂଖଧ୍ୱନି
ଶୁଣିବାକୁ ଦିନେ ସଭିଏଁ ଥିଲେ
ବ୍ୟଗ୍ର ବାତୁଳ,
ଗୋଡ ଖସିବା ଭିତରେ ବି ମୁଖରିତ
ତା ମହନୀୟତାର ସ୍ରୋତ ।

ସମଗ୍ର ପୃଥିବୀକୁ ଆଲୋକିତ
କରୁଥିବା ନାରୀକୁ କାହିଁକି ଯେ
ମେଞ୍ଚା ମେଞ୍ଚା ଅନ୍ଧାରର ପୁରସ୍କାର ?
ନାରୀ ଜିଇଁଲେ କଅଁଳେ, ବିକଶିତ,

ସମର୍ଥ ଜୀବନ,
ଦୁଃଖର ଝାଞ୍ଜିରେ ତା ସମଗ୍ର ପତନ ।


❤ ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
(ମୋ) ୭୬୮୩୮୬୭୭୪୨


## ଜହ୍ନ...


### ଶେଖର ଚନ୍ଦ୍ର ମୋଦି




ଆଚ୍ଛା
ତୁମେ କେବେ ଜହ୍ନକୁ କାନ୍ଦିବା
ଦେଖିଛ.. ?
ମୋତେ ଲାଗେ ଅମାବାସ୍ୟା ରାତିରେ
ଏ ଜହ୍ନଟାବି କାନ୍ଦେ ବୋଲି

ତୁମେ କେବେ ଜହ୍ନଟାକୁ ମରିବା ଦେଖିଛ

ଗ୍ରହଣ ଲାଗିବା ଦିନ ଜହ୍ନଟାବି ତ ମରେ
କାନ୍ଦୁଥାନ୍ତି ସବୁ ତାରା ମାନେ
ଆଉ ଜହ୍ନ
ହସି ହସି ମରି ସରୁଥାଏ

ତମେ ଜାଣିଛ ଏ ଜହ୍ନଟା
ଅପେକ୍ଷା ବି କରେ ଏ ପୂର୍ଣ୍ଣିମା ରାତିଟାକୁ

ହୁଏତ ଜାଣିନଥିବ ତୁମେ
ଏ ଜହ୍ନଟା ପ୍ରେମ ବି କରିଛି

ଜହ୍ନ ଭିତରେ ସେ ଦାଗଟା ଦେଖୁଛ
ତା ପ୍ରେମିକା ଦେଇ ଯାଇଛି

ଏ ଜହ୍ନଟା ବି ହାରିଛି ଯୋଛନା ଛିଟାରେ
ତା ଲୁହକୁ ମୁଁ ଦେଖିଛି ।


❤ ଧରଣୀଧର ବିଶ୍ୱବିଦ୍ୟାଳୟ,
କେନ୍ଦୁଝର
ମୋ:-୯୫୫୬୦୮୪୮୭୨


## ଶୀତ ଗୀତ ତୁମ ପାଇଁ


### ନୀଳମଣି ଚାନ୍ଦ




ଶୀତ ଥାଏ ମୁଁ ଥାଏ
ତୁମେ ତ ନ ଥାଅ
ସୋରିଷକ୍ଷେତରେ ଲୁଚି
କି ମଜା ବା ପାଅ।

ଲାଗେ କାକରଟୋପାର
ମୁକୁତାଟି ପରି
ଉଭେଇ ଯାଅ ଖରାରେ
ପାରେନାହିଁ ଧରି।

ତୁମେ କ'ଣ ସୂର୍ଯ୍ୟମୁଖୀ
ମୋତେ ଚାହୁଁଥାଅ
ଗଲେ ପାଶେ ଅଦୃଶ୍ୟ
ସତେ ହୋଇଯାଅ।

ଏ ଶୀତର ବଡ଼ ରାତ୍ରି
ସ୍ୱପ୍ନ ମୋ'ର ବଡ଼
ତୁମ ବିନା ନିଦରେ ମୋ
ଉଠେ ନାହିଁ ଝଡ଼।

ଯହିଁ ଥାଅ ଠିକ୍ ଥାଅ
ଦୁଃଖକୁ ନ ଛୁଅଁ
ଝଟକୁଥାଉ ତୁମର
ମୋନିଲିସା ମୁହଁ।


❤ ୨୭,ମନ୍ତ୍ରମାନୋର,
ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ଭାବିନୀ


### ଅନସୂୟା ପଣ୍ଡା




ନିଜସ୍ୱ ପଣର ଅଭିମାନରେ
ଭାବମୟୀ ପୁଲକାଙ୍ଗୀ ଖୋଜୁଥାଏ
ପ୍ରୀତିର ଦରଦ ଦରଜାଟିଏ
ବହିବାକୁ ପ୍ରେମପ୍ଳୁତ ସରିତାଟେ ହୋଇ।

ଖୁବ ସୂକ୍ଷ୍ମ ସମ୍ପର୍କର ଡୋରୀ
ବିଶ୍ୱାସରେ ପିଇପାରେ ବିଷ
ବୁଦ୍ଧିମତ୍ତାରେ ମାଗିପାରେ ଯମଠାରୁ
ଅଜସ୍ର ଆୟୁଷ।

ପ୍ରିୟତମାର ରଙ୍ଗିଣୀ ନିମଜ୍ଜିତ ନୟନ
ମୋହାଚ୍ଛନ୍ନ ପାବନ ଲଗ୍ନ
ଅହରହ ମାଦକତାରେ ମହାସ୍ନାନ
ପ୍ରେମବନ୍ଧନର ନିଃସ୍ୱାର୍ଥ ନାମ।

ଯାଏ ବହି କେତେ ମୋଡ ଦେଇ
ଶୀତଳ ସ୍ପର୍ଶର ସମ୍ମୋହନ ଛୁଇଁ
ପାଉଁଞ୍ଜିରେ ଗହଳ ଚହଳ ମନ ମଧୁବନ

ମଧୁରାଗେ ଅଝଟ ମନୋଇ ଜହ୍ନ
ଏ ପ୍ରିୟା ବିନା ଜୀବନ ମନ୍ଥନ।
ଅପେକ୍ଷାରେ କାଟିପାରେ ଜୀବନ
ପିନ୍ଧି ସମର୍ପଣର ବହଳ ରଙ୍ଗ
ଉତ୍ସର୍ଗର ସିନ୍ଦୁର ବିନ୍ଦୁରେ
ସହିଯାଏ ଅନ୍ତର୍ମନ ଝଡ ରାତି
ତ୍ୟାଗର ଦ୍ୱାହିରେ ଅସହ୍ୟ ଦୁର୍ଗତି।

ଡେଣା କଟା ଚଢେଇଟି ପରି
ପ୍ରିୟତମା ଚାହିଁ ରହେ ଶ୍ରୀରାଧା ପରି
ପ୍ରିୟତମର ଶୁଦ୍ଧ ସୁହାସିତ ବିଶ୍ୱାସକୁ
କରି ଅକାଟ୍ୟ ଆୟୁଧ ବିନା ଶୋଚନାରେ।


❤ ବୁର୍ଲା, ସମ୍ବଲପୁର,
ମୋ: ୯୪୩୭୪୨୦୪୦୯


## ସରୁ ନଥିବା ରାତି


### ଡ. ଦୀପକ କୁମାର ମିଶ୍ର




ମୁଁ ଖୋଜୁଚି ପଙ୍କ, ପଦ୍ମ
ସରସୀରେ ଜହ୍ନର ମୁହଁ
ଆଉ ବିକ୍ଷିପ୍ତ ପଡ଼ିଥିବା
ସୋରାସୋରା ଅନ୍ଧାରର ଗନ୍ଧ ।

ରତି, ରାତି,
ଇତିମଧ୍ୟେ ମାଡିଉଠେ ମାଟି
ଆକାଶରେ ଜମିଯାଏ
ତାରାଙ୍କର ନାଚ
ଉଦବେଳିତ ଝରକା ଫାଙ୍କରେ
ଦେଖାଯାଏ.କାହାର ଆଶଙ୍କିତ ମୁହଁ ।

ମୁଁ ଖୋଜୁଚି ତନ୍ଦ୍ରା, ନିଦ୍ରା

ମନ୍ଦ ମନ୍ଦ ମନ୍ଦ୍ରିତ ମଳୟ
ଇଚ୍ଛା, ସ୍ୱପ୍ନ / ତା ସହିତ ଚେଇଁଥିବା
ମୃତବତ୍ ମାମୁଲି ମୁହୂର୍ତ୍ତ ।

କାହିଁ ତ ସରେ ନାହିଁ ରାତି
ବୋଧେ ଇଚ୍ଛାମୃତ୍ୟୁ ତା'ର ।


❤ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ସେତୁ


### ଦିବାକର ନାୟକ




ତୁମ ସାଥେ ମୋର ଦେଖା ହେଲାବେଳେ
ଫୁଲର ଫଗୁଣ ହସୁଥିଲା
ଚାହାଣି କଲମ ଆମ ପ୍ରୀତି ଗାଥା
ହୃଦୟ ଫରଦେ ଲେଖିଦେଲା ।

ଖୁସିରେ ଖୁସିରେ ଦିନ ବିତୁଥିଲା
ବିରହ ନିଦାଘ ଗଲା ଆସି
ଅଳପ କଥାରେ ଭୁଲ୍ ବୁଝାମଣା
ମନ ଆକାଶରେ ଗଲା ଭାସି
ଆଖି ଉହାଡ଼ରୁ ଲୁହର ଶ୍ରାବଣ
ସପନ ମୋ ଯେତେ ଧୋଇନେଲା..
ତୁମ ସାଥେ ମୋର ଦେଖା ହେଲାବେଳେ
ଫୁଲର ଫଗୁଣ ହସୁଥିଲା।

ଦୁଃଖର ଆୟୁଷ ସରିସରି ଗଲା
ହେମନ୍ତ ଆସିଲା ହୋଇ ମିତ
ଦୂରେ ଦୂରେ ଆଉ ରହିହେଲା ନାହିଁ
ଦୁଇ ଦେହ ସେତୁ ହେଲା ଶୀତ
ଦେହର ପୁଲକ ମନର ମୁଲକେ
ଆଗ ଭଳି ପ୍ରୀତି ଭରିଦେଲା..
ତୁମ ସାଥେ ମୋର ଦେଖା ହେଲାବେଳେ
ଫୁଲର ଫଗୁଣ ହସୁଥିଲା ।


❤ ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬ ୧୯୯୮୧


## ବର୍ଷାରୂପରେ ମେଘ...


### ପ୍ରଶ୍ନ କୁମାର ଶତପଥୀ




ଆକାଶରେ
ବାଦଲ ଧଳା ରୂପରେ,
କେତେବେଳେ କଳା ରୂପରେ
ବସା ବାନ୍ଧି ରହୁଛି,
ଆଉ ଆକାଶରୁ ହଜି ଯାଉଛି
ପୁଣି ଯାହା ଆକାଶେ
ଖଚିତ ହେଉଛି,
ବାଦଲ ସମାରୋହ

ଜଳି ଭସ୍ମ ହେଉଅଛି ପୁଣି କେଉଁଠି,
ବୋଧ ହୁଏ,
କେଉଁ ମାଟିର ପ୍ରେମରେ
ଝରି ପଡିବ ଅଚାନକେ
ବର୍ଷା ରୂପରେ ଝରଝର ଶବ୍ଦରେ...


❤ ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ


## ଏଇ ଆମ ଜୀବନରେ


### ଆଦ୍ୟାଶା ମହାପାତ୍ର




ପ୍ରତି ମୁହୂର୍ତ୍ତରେ ସଂଗ୍ରାମ ଚାଲିଛି ଏଇ ଆମ ଜୀବନରେ
ଲକ୍ଷ୍ୟ ସ୍ଥିର କରି ପାଦ ବଢାଇଲେ ସଫଳତା ମିଳେ ଧିରେ,
ଆଶାର ଆଲୋକ ହେଲେ ଉଜ୍ଜୀବିତ ମିଳେ ବଞ୍ଚିବାର ରାହା
ଅଜଣା ପଥରେ ଅମା ଅନ୍ଧକାରେ ବିହି ପରା ଏକା ସାହା ॥

ଜୀବନ ଜୀଇଁବା ସ୍ମୃତି ସାହାରାରେ ସତେ ସଞ୍ଜିବନୀ ବୁନ୍ଦା
ଲାଗେ ପ୍ରାପ୍ତ ହୁଏ ମରୀଚିକା ପରେ ସଂଗୋପିତ ପ୍ରାଣସୁଧା,
ନିରାଶା ହୃଦୟେ ସଂଶୟ ଅନେକ ମିଳେନାହିଁ ସୁଖମଧୁ
ମନେ ଉଦ୍ଦୀପନା ଭରେ କଳପନା ଲଂଘିବାକୁ ସାତ ସିନ୍ଧୁ ॥

ଅଭାବ କଷଣ ଅବା ଝଡଝଞ୍ଜା ସ୍ୱଚ୍ଛନ୍ଦରେ ହେବା ପାରି
ଦୂରୀଭୂତ ହେବ ଦୁଃଖ ଓ ଦୁର୍ଦ୍ଦଶା କର୍ମ ପଥ ଅନୁସରି,
ଶୁଦ୍ଧ ଆଚରଣେ ସ୍ୱଚ୍ଛ ଭାବନାରେ କଟୁ ପ୍ରତିଟି ମୁହୂର୍ତ୍ତ
ଉଜ୍ଜୀବିତ ହେଉ ଜିଗୀଷା ଭାବନା ରିକ୍ତ କରି ହୀନସ୍ୱାର୍ଥ ॥

ଅନ୍ତର ଆତ୍ମାରେ ଦିବ୍ୟ ଚିନ୍ତନରେ ଥାଉ ପ୍ରତିଟି ପରାଣ
ଅସାଧ ଅଲଭ୍ୟ ହେବ ପରିପୂର୍ଣ୍ଣ ପ୍ରଭୁ ପାଦେ ଥାଇ ମନ ॥


❤ ନୂଆପଡା, କଟକ


## ଲକ୍ଷ୍ମୀପୁରର ହଳଦୀ


### ଗଜାନନ ମିଶ୍ର


ଲକ୍ଷ୍ମୀପୁରର କଂଚା ହଳଦୀ ଆଣିବାକୁ
ବରାଦ କରିଛି ଚନ୍ଦନ,
ଆଉ ପ୍ରକୃତ ଘଟଣା ଜାଣିବାକୁ
ହେଉଛି ଚେଷ୍ଟା ଏତେବେଳକୁ
ଚେହେରା ବଦଳ ହେଲାବେଳେ।

ଖୁସିରେ କିଏ, ଆଉ କିଏ ରହିଚି କୋଉ
ଚିନ୍ତାସବୁ ଜାବୋଡି ହେଉ ନି କହି ଯେବେ
ଦୀପ ହେଉଛି ଜଳା ଅନନ୍ତାର କଥାରେ
ଯୋଉଥିରେ ଦୁଲୁକୁଛି ଗୋଟା ରାଜ୍ୟ।

ଆଗକୁ ରହିଛି ବିପଦ ଆଉ ସମୟରୁ
ବାହାରି ମପା ହେଉଛି ଅନ୍ଧାର
ରଙ୍ଗମଂଚରେ।
ଆସ୍ତେ ଆସ୍ତେ ଆସୁଛି ନୂତନ ଭାବେ
ଏ ନୂଆ ବର୍ଷ ନୂଆ କବିଙ୍କ କବିତାରେ
ବନ୍ୟା ପାଣି ଭଳି ଅନ୍ତରଙ୍ଗ ହେଲାବେଳେ।

କିଏ ରାଣ୍ଡିପୁଅ କିଏ ଅରାଣ୍ଡିପୁଅ,

ଏମିତି କହି ଅଲଗା କରି ହେଉ ନି
ସମସ୍ୟାର ମୂଳବୀଜ ଘରେ ବାହାରେ।
ଖୋଜିବାକୁ ମନ ଲାଗୁଛି କିଏ କେମିତି,
ଯଦିଓ ସେମିତି ଲାଭ ନାହିଁ କୋଉଠି।

ଲେଖୁବାଲା ଯାହା ଠିକ୍ ଭାବିଲା
ଲେଖିଗଲା, ବେଠିକ୍ କହିଲେ ଏବେ
ନା ସଜାଡି କରିହେବ ସଂଶୋଧନ ନା
ବାରିହେବ ଭଲମନ୍ଦ ଏମିତି ନୁହଁ।

ନିଜକୁ ନିଜ ପରି ନ ଭାବିଲେ
କିଛି ହେବ ନି କରି ଦୁଆଁଛଡା ରୀତିରେ।
ବଦଳ ଚେହେରାରେ ହେବ ନି ଯାଇ
ଏମିତି ଲକ୍ଷ୍ୟ ସ୍ଥଳ ଯାଏ ଯୋଉଠି ସେଇ
ଗୋଟିଏ ବିନ୍ଦୁରେ ମିଳିତ ହେବେ ସମସ୍ତେ।


❤ ତପୋବନ,
ଟିଟିଲାଗଡ-୭୬୭୦୩୩


## କପେ ଚା


### ନବୀନ ସାହୁ




କପେ ଚା ରେ ବି ଦିନକର ଭୋକ
ଭୁଲାଯାଇ ପାରେ
ଖାଲି ତୋ' ପ୍ରେମର ବହଳିଆ ସର ଥିଲେ
ହେଲା, ବେଶି ମିଠା ମଧୁମେହ
ସେଥିପାଇଁ କହେ ତୋତେ
ଅଭିମାନ ଭରା ଅଦା ଖଣ୍ଡେ ପଡ଼ିଥିଲେ
ହେଲା, ଗୋଲମରିଚ ଗୋଟେ କି ଦିଇଟା
ଦେଇଥିବୁ, ତୋ ରାଗର ପ୍ରତୀକ କରି
ମମତାର ତୁଳସୀ କେଇଟା
ବାସୁଥିଲେ ହେଲା ।

ତୋ ହାତର କପେ ଚା
ଆଜି ଯାଏଁ ଉଷୁମ ରଖିଛି ମୋ
ଦେହ-ମନ- ପ୍ରାଣ,
ଆଜି ବି ଲସଲସଉଛି ଶଙ୍କିତ ଯୌବନ ।

ହାଡ଼ ଭଙ୍ଗା କାଶ୍ମିରୀ ପବନ ବି
ହାରମାନେ ମୋ ' ଛାତିର କବାଟ ଆଗରେ
ଆଖିର ଝରକା ଖଡ଼ ଖଡ଼ କରେ

ହେଲେ ଧସେଇ ପାରେନି
ତୋ ' ଚାହାଣୀର କାଚକୁ ଚଟକେଇ ।

ସେଇ କପେ ଚା ମହକରେ
ଆଜି ବି ଲବଙ୍ଗ ସହର ପରି ଲାଗେ
ତୋ ' ଗାଁ, ମୋ' ଗାଁ,
ମୋ' ପ୍ରତ୍ୟେକ ରହଣୀ ସହର ।

ବେଳେ ବେଳେ ଜଡ଼ ହେଇ ଆସୁଥିବା
ମୋ' ଉଦାସ ଜୀବନକୁ
ତୋ' ଚା ର ତାତି ଚେତେଇ ଦିଏ
କହେ' ଉଠ, ଏ ଅଭାବ, ଏ ଅପମାନକୁ
ମୋ' ବାମ୍ଫରେ ଉଡ଼େଇ ଦେଲି;
ଆଗକୁ ଚାଲ,
ପ୍ରେମ ପରା ସର କରି ଦେଲି ।।


❤ ମୋ:୬୨୬୪୫୩୦୧୮୮


## ପାଞ୍ଚୋଟି ଏକପଦୀ


### ଡ.ଭରତ ଚନ୍ଦ୍ର ଦାଶ




॥ ଏକ ॥
ତୁମ ପ୍ରତୀକ୍ଷାରେ ରହିଲି ଗୋ ସଖି
ଆସିଲେ ଭେଟିବ ମୋତେ
ମୋ ହୃଦୟ ଗାଥା ପ୍ରୀତିର କବିତା
ଅରପିବି ତୁମ ହାତେ।

॥ ଦୁଇ ॥
ଏକାନ୍ତରେ ଯେବେ ଚାହେଁ ମୁଁ ନୟନେ
ତୁମ ଛବି ଭାସି ଆସେ
ଅତୀତର ସ୍ମୃତି ମିଳନର ପ୍ରୀତି
ହୃଦୟର ରତି ରାସେ।

॥ ତିନି ॥
ଗୌର ତନୁ ଅଙ୍ଗେ ଅନଳ ଅନଙ୍ଗେ
ଉଜ୍ଜ୍ୱଳେ ଶ୍ରୀତନୁ ଶୋଭା
ସୂକ୍ଷ୍ମ ଝୀନ ବାସ ଶୃଙ୍ଗାର ବିନ୍ୟାସ
ପ୍ରଣୟୀର ମନଲୋଭା।

॥ ଚାରି ॥
ଏମିତି ଚାହାଣି ଚାହଁ ନାହିଁ ସଖି
ହୃଦୟ ହୁଏ ମୋ ଚୋରି
ନିରବ ଓଠରେ ପ୍ରୀତି ପରିଭାଷା
ମରମରେ ହୁଏ ଘାରି ।

॥ ପାଞ୍ଚ ॥
ନିରବରେ ରହି ତୁମେ ତ ରଚିଛ
ପ୍ରଣୟର ପରିଭାଷା
ଅଧର ଭାବକୁ ମୁଁ ପଢୁଛି ସଖି
ମିଳନ ମଧୁର ଆଶା।


❤ ସଚିବ, ସୃଜନ ଶ୍ରୀକ୍ଷେତ୍ର,ମାର୍କୋଣା
ବାଲେଶ୍ୱର-୭୫୬ ୧୨୬
ମୋ: ୮୯୮୪୪୩୯୧୬୬


## ଶୀତ


### ଡାଃ ମନୋରଂଜନ ଦାଶ




ଏଇ ଶୀତ ସହିତ କାହିଁ କେଉଁ କାଳରୁ
ମିତ ବସିଚି ମୁଁ !

ଏଇ ଶୀତ ସକାଳେ ଗାଁ ଦାଣ୍ଡରେ ବସି
କଅଁଳିଆ ଖରା ପୁଆଁ
ପୁଣି ସଂଧ୍ୟାରେ ଧୂନି କରି
ନିଆଁରେ ସେକି ହେବା
ଧାନବିଲକୁ ଜେଜେଙ୍କ ସାଙ୍ଗରେ ଯାଇ
ଧାନସିସା ସାଉଁଟିବା
ଏଇମିତି ଅନେକ କଥା...

ଭାରି ମନେପଡୁଚି ଆଜି ସେ ସବୁ..
ପୁଣି ଟିଉସନକୁ ପାଠ ପଢି ଗଲବେଳେ
ଘୋଡେଇ ହୋଇଥିବା
ଚାଦରର ଅଣ୍ଟିରେ ମୁଢି
ପୁଣି ହାତରେ ଲଣ୍ଠନ,

ସେ ସବୁ ଢେର ଅତୀତ..

ଏବେ ଶୀତ କାହିଁକି କେଜାଣି
ଫିକାଫିକା ଲାଗୁଚି !
ଏଇ ଶୀତ ମଣିଷ ଭଳି
ଛଳନା କରୁନାହିଁ ତ !
ଭାରି ଭୟ ଲାଗୁଚି. ...

ମୋ ମନର ଅବେଗ ଭାଙ୍ଗି ପଡୁଚି
ଏବେ କିନ୍ତୁ ପ୍ରିୟ ଦିଲ୍ଲୀପବାବୁଙ୍କ ପ୍ରେମରେ
ପଡି ମୁଁ ଶୀତ ସହିତ
ଭାବର ଡୋରିରେ ମିତ ବସିଚି ।


❤ ପ୍ରଭବତୀ ନିଳୟମ୍, ପଟ୍ଟାମୁଣ୍ଡାଇ
ଜି : କେନ୍ଦ୍ରାପଡା
ମୋ -୯୪୩୭୩୧୭୭୨୨

# ସରକାରୀ ଉଚ୍ଚ ବିଦ୍ୟାଳୟ, ଶଗଡାରେ ବାର୍ଷିକ କ୍ରୀଡା ଉତ୍ସବ -୨୦୨୪ ଅନୁଷ୍ଠିତ

ଭବାନୀପାଟଣା,୦୯/୧୨ (ନି.ପ୍ର): ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଶଗଡାରେ ବାର୍ଷିକ କ୍ରୀଡା ଉତ୍ସବ -୨୦୨୪ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଉତ୍ସବର ପ୍ରଥମ ଦିନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ମୁଖ୍ୟ ଅତିଥି, ଶଗଡା ଗ୍ରାମପଞ୍ଚାୟତର ସରପଞ୍ଚ ଗୋବିନ୍ଦ ନାଏକ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆସନ୍ତ ନାଏକ,ସର୍ଗୀଗୁଡା କ୍ଲଷ୍ଟର ସି.ଆର.ସି.ସି ମହମ୍ମଦ ଜାକିର୍ ସମ୍ମାନୀତ ଅତିଥି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସାହୁ ସଭାପତି ଭାବରେ ଯୋଗଦେଇ ବାର୍ଷିକ କ୍ରୀଡା ଉତ୍ସବର ଶୁଭ ଉଦ୍ଘାଟନ କରିଥିଲେ। ସ୍ଥାନୀୟ ଗ୍ରାମ ଦେବତୀଙ୍କ ପୀଠରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ପରେ ପୂଜାର୍ଚ୍ଚନା କରାଯାଇ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା । ସିନିୟର, ଜୁନିଅର ଓ ସବ ଜୁନିୟର ଗ୍ରୁପରେ



ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଦ୍ୱିତୀୟ ଦିବସ ତଥା ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୃଙ୍ଖଳା ଓ ଶିଶୁର ସର୍ବାଙ୍ଗୀନ ବିକାଶରେ କ୍ରୀଡାର ବିଶେଷତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେବା ସହ ବିଦ୍ୟାଳୟ ପକ୍ଷରୁ ଶ୍ରୀଯୁକ୍ତ ଚୋପଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଭବାନୀପାଟଣା ଗୋଷ୍ଠି ଶିକ୍ଷା ଅଧିକାରୀ ଆଚାରୀ ଶବର, ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର ପଣ୍ଡା,ଜନତା ଉଚ୍ଚ ବିଦ୍ୟାଳୟ ବୋର୍ଡାର ପ୍ରଧାନ ଶିକ୍ଷକ ପ୍ରକାଶ ନିଶାଙ୍କ, ସମାଜସେବୀ ଗୋବର୍ଦ୍ଧନ ଦୋରା,ସି.ଆର.ସି.ସି ମହମ୍ମଦ ଜାକିର୍ ସମ୍ମାନିତ ଭାବରେ ଯୋଗଦେଇ ଜଣେ ଜଣେ ଉତ୍ତମ କ୍ରୀଡାବିତ ଭାବରେ ନିଜକୁ ଗଢି ତୋଳିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପରେପରେ ବିଦ୍ୟାଳୟର ଶ୍ରେଷ୍ଠ କ୍ରୀଡାବିତ୍ ଭାବରେ ବାଳକ ବିଭାଗରୁ ନୀତିନ୍ ନାଏକ ଓ ବାଳିକା ବିଭାଗରୁ ଅନନ୍ତି ମାଝୀ ଏବଂ ବିଭିନ୍ନ ବିଭାଗରେ କୃତି ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ତଥା ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡା ଶିକ୍ଷକ ସୁନୀଲ କୁମାର ନାୟକ ଓ କିଆପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶୁଭମଜ୍ୟୋତି ରାଉତ ପ୍ରତିଯୋଗୀତା ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଜୟାପ୍ରଦା ସେଠୀ, ମାନିନୀ ପୁଝାରୀ, ଶୈଳେନ୍ଦ୍ର କୁମାର ବାବୁ, ସରୋଜ କୁମାର ରାଉତ, କୌତୁକ ରଣା, ସୁଜାତା ପଟ୍ଟନାୟକ, ଜ୍ୟୋସ୍ନାରାଣୀ ସାହୁ, ମଧୁସ୍ମିତା ପଣ୍ଡା,ବିଭୀଷଣ ନାଗ,ଗଜେନ୍ଦ୍ର ମାଝୀ, ସ୍ମିତା ବୁଦ୍ଧିଆ, ରାଧା ସ୍ୱାଇଁ, ମନୀଷା ମାଝୀ ସହଯୋଗ କରିଥିଲେ।

# ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନର ଅବହେଳାକୁ ନେଇ ଜିଲ୍ଲାପାଳଙ୍କୁ ଦାବି ପତ୍ର

ଜଳେଶ୍ୱର ୯/୧୨(ନିପ୍ର) ଆଜି ଜଳେଶ୍ୱର ବ୍ଲକ ପରିସରରେ ଚାଲିଥିବା ଜିଲ୍ଲାପାଳଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଯୁଗ୍ମ ଜନ ଶୁଣାଣିରେ ରାଇବଣିଆ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ଉପରେ ନିର୍ଭର କରିବାକୁ ପଡୁଥିବା ୧୪ଗୋଟି ଗ୍ରାମପଞ୍ଚାୟତର ୩ଲକ୍ଷ୍ୟରୁ ଉର୍ଦ୍ଧ୍ୱ ଲୋକ ନାହିଁ ନ ଥିବାର ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି କୌଣସି ଲୋକେର ଜନ୍ମ ପ୍ରମାଣ ପତ୍ର ହେଉ କିମ୍ବା ମୃତ୍ୟୁ ପ୍ରମାଣ ପତ୍ର ହେଉ ପାଇବାକୁ ହେଲେ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଥିବାର ଦେଖିବାକୁ ମିଳୁଛି ଓ ସବୁଠାରୁ ବଡ଼ କଥା ସେ ବି ହାତଗୁଞ୍ଜା ନ ଦେଲେ ଆଦୁ ହୋଇ ପାରିବ ନାହିଁ କହି ଫେରିବାକୁ ପଡିଥାଏ । ଏହା ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହେଇଥିବାରୁ ଏଠାକାର ଅଧିକାଂଶ ଲୋକ ଚାଷ ଓ ଜଙ୍ଗଲ ଜାତୀୟ ଦ୍ରବ୍ୟ ସଂଗ୍ରହ କରି ନିଜର ଜୀବନ ଅତିବାହିତ କରିଥାନ୍ତି ଓ ଏହା ହାତୀ ପ୍ରବଣ ଅଞ୍ଚଳମଧ କୁହାଯାଇ ପାରେ ତେଣୁ ସଧାରଣତ ବିଜୁଳି ଘଡଘଡି, ସର୍ପଘାତ, ପାଣି ବୁଡି, ଓ ହାତୀ ଆକ୍ରମଣରେ ମଧ ଲୋକ ପ୍ରାଣ ହରାଇଥାନ୍ତି । ଅଧିକାଂଶ ମୃତ୍ୟୁରେ ଶବକୁ ପୋଷ୍ଟ ମୋଟମ୍ ପାଇଁ ହାତିଗର୍ଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁବିଧା ନ ଥିବାରୁ ଜଳେଶ୍ୱର ଜିକେ ଭଟ ର ହସ୍ପିଟାଲ ଯିବାକୁ ପଡିଥାଏ ଓ ସେଥିପାଇଁ ପୋଷ୍ଟମୋଟମ୍ ଓ ଗାଡ଼ି ଖର୍ଚ୍ଚ ବାବଦକୁ ଗରିବ ଗୁରୁବା ଲୋକ ମାନଙ୍କୁ ୬ରୁ ୭ ହାଜର ଟଙ୍କା ଖର୍ଚ୍ଚ କରୁଥିବା ପଡିଥାଏ ତେଣୁ ଆଗମୀ ଦିନରେ ହାତୀ ଗର୍ଡଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତମ ଚିକିତ୍ସା ସହିତ ଜନ୍ମ ମୃତ୍ୟୁ ପ୍ରମାଣ ଓ ଶବ ବ୍ୟବଛେଦର ସୁବିଧା ସୁଯୋଗ ଦେବାକୁ ରାଇବଣିଆ ଅଞ୍ଚଳର ରମେଶ ଚନ୍ଦ୍ର ହେମ୍ବ୍ରମ, ଶଙ୍କର ହେମ୍ବ୍ରମ, ରାମ ହେମ୍ବ୍ରମ ବାଦଲ ସୋରେନ, ସୁଜିତ୍ ଦାସ, ଦିଗାମ୍ବର ଦାସ, ଅନନ୍ତ ଦାସ, ସନତ ସାହୁ , ତପନ ସାହୁ, ଭଗବାନ ମାରାଣ୍ଡି, କୁନା ହେମ୍ବ୍ରମ ଉଦୟ ହେମ୍ବ୍ରମ, ପ୍ରମୁଖ ଦାବୀ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କୁଛେ ଓ ଆଶିଷ ସିଂଙ୍କୁ ନେଇ...

ଆଉ ପାଣ୍ଡିଆନଙ୍କ ଖାସ୍ ଭାବେ କୁଛେ ଓ ଆଶିଷ ସିଂ ବିଜେଡି ଶାସନରେ ଅତ୍ୟଧିକ ପ୍ରଭାବଶାଳୀ ପାଲଟି ଯାଇଥିଲେ। କୁଛେ ରାଜନୈତିକ ନିଷ୍ପତ୍ତିର କେନ୍ଦ୍ରବିନ୍ଦୁ ଥିବାବେଳେ ଆଶିଷ ସିଂ ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ରହିଥିଲେ। ତେଣୁ ଉଭୟ ଅଫିସରଙ୍କୁ ଗତ ୩ଦିନ ତଳେ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା, ଆକଳନ ଓ ସନ୍ଦେହ ଜୋର ଧରିଥିଲା। ଯାହାକୁ ଆଜି ପ୍ରମିଳାଙ୍କ ବୟାନ ଅଧିକ ସ୍ପଷ୍ଟ କରାଇଛି। କୁଛେ ଓ ଆଶିଷ ସିଂଙ୍କ କେନ୍ଦ୍ରୀୟ ଡେପୁଟେସନ ପ୍ରସଙ୍ଗରେ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ପ୍ରମୋସନ ପାଉଥିବା ଅଫିସରଙ୍କ ସହ ବିଜେପିର ଭଲ ସମ୍ପର୍କ ଥିଲା। ସେମାନଙ୍କ ଡେପୁଟେସନ ପରେ ଏହା ସ୍ପଷ୍ଟ ହୋଇଛି। ସେମାନଙ୍କ ସହ କି ସମ୍ପର୍କ ଥିଲା ତାହା ବିଜେପି ସ୍ପଷ୍ଟ କରୁ ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି। ସେହିପରି ପ୍ରମିଳାଙ୍କୁ ପାଲଟା ଜବାବ ଦେଇ ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି ଯେ, ପ୍ରମିଳାଙ୍କ ଅଭିଯୋଗ ସଂପୂର୍ଣ୍ଣ ଅବାସ୍ତବ। କୌଣସି ଅଫିସରଙ୍କ ସହ ବିଜେପିର ସମ୍ପର୍କ ନଥିଲା। ସବୁ ଲୋକ ଜାଣିଛନ୍ତି ସେହି ଅଫିସରମାନେ କାହା ଲିଙ୍କରେ ଥିଲେ ଓ କାହାପାଇ କାମ କରୁଥିଲେ।ସେଥିପାଇଁ ସେମାନଙ୍କୁ ଦିଲ୍ଲୀ ପଠାଇ ଦିଆଯାଇଛି। ସେପଟେ ପ୍ରମିଳାଙ୍କ ଏହି ବୟାନ ହିଁ ଦଳର ବିଧାୟକମାନଙ୍କ ଅସନ୍ତୋଷର ପ୍ରତିଫଳନ ବୋଲି ଚର୍ଚ୍ଚା ହେଉଛି। ବିଜେଡିର ୨୪ବର୍ଷର ଶାସନ ଭୁଶୁଡ଼ି ପଡ଼ିବା ପରେ ଦଳରେ ଅସନ୍ତୋଷ ତୀବ୍ର ରହିଛି। କିନ୍ତୁ ଦଳର ଶୋଚନୀୟ ପରାଜୟ ପାଇଁ ବିଜେଡିର ୫୧ଜଣ ବିଧାୟକଙ୍କ ମଧ୍ୟରୁ କିଛି ପାଣ୍ଡିଆନଙ୍କ ଆଶୀର୍ବାଦରେ ଟିକେଟ୍ ପାଇ ଜିତିଥିବାରୁ ତାଙ୍କୁ ସମର୍ଥନ କରି ଆସୁଥିଲେ ତ ଆଉ କିଛି ପୁରୁଖା ବିଧାୟକ ଖୋଲାଖୋଲି ପାଣ୍ଡିଆନଙ୍କୁ ବିରୋଧ କରୁଛନ୍ତି। ମାତ୍ର କୁଛେ ଓ ଆଶିଷ ସିଂ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ପ୍ରାୟତଃ ଅଧିକାଂଶ ବିଧାୟକ ଏବେ ପାଣ୍ଡିଆନଙ୍କୁ ଦୋଷ ଦେଇ ବିଜେଡିକୁ ବୁଡ଼ାଇବା ପାଇଁ ତାଙ୍କ ଟିମ୍ ଚକ୍ରାନ୍ତ ଓ ଷଡ଼ଯନ୍ତ୍ର କରିଥିବା ଦୋଷାରୋପ କରୁଛନ୍ତି। ଯଦିଓ କେହି କ୍ୟାମେରା ସମ୍ମୁଖରେ କିଛି କହୁନାହାନ୍ତି, କିନ୍ତୁ ବିଜେଡି ବିଧାୟକ ଓ ଦଳର ଆଗଧାଡ଼ିର ନେତାମାନଙ୍କ ମଧ୍ୟରେ ଗତ ଦୁଇଦିନ ଧରି ଏହି ଚର୍ଚ୍ଚା ଜୋର ଧରିଛି। ନବୀନଙ୍କ ଅପାରଗତା ଯୋଗୁଁ ପାଣ୍ଡିଆନ ରାଜନୈତିକ ନିଷ୍ପତ୍ତି ନେଉଥିଲେ। ଆଉ ତାଙ୍କ ଟିମ୍ ସଦସ୍ୟମାନେ ବିଶ୍ୱାସଘାତକତା କରିବାରୁ ଏଭଳି ନିର୍ବାଚନୀ ପରିଣାମ ଆସିଛି। ଯେଉଁଥିପାଇଁ ଦଳ ଲୋକସଭାରେ ସଂପୂର୍ଣ୍ଣ ମୂଳପୋଛ ହୋଇଯାଇଛି। ଆଉ ଲୋକସଭା ସିଟ୍ ଟେକି ଦେଉଦେଉ ଏପଟେ ବିଧାନସଭା ବି ହାତରୁ ଖସିଯାଇଛି ବୋଲି ବିଧାୟକମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଯାହାକୁ ଖୋଲାଖୋଲି ଭାବେ ପ୍ରମିଳା ଆଜି ଗଣମାଧ୍ୟମରେ ବୟାନ ରଖି ବିଜେଡି ବିଧାୟକମାନଙ୍କ ଅସନ୍ତୋଷକୁ ପଦାରେ ପକାଇଛନ୍ତି। ଏହାସହିତ ଦଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇ ପାଣ୍ଡିଆନଙ୍କ ମାମଲାତିକୁ ଖୋଲା ବିରୋଧ କରିବା ପାଇଁ ଦଳୀୟ ବିଧାୟକମାନେ ସଜବାଜ ହେଉଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବା ଅଭିଯୋଗରେ କୁଛେ ଓ ଆଶିଷ ସିଂଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ। ବିଜେପି ସରକାର କ୍ଷମତାକୁ ଆସିବା ପରେ ଉଭୟ ଆଇପିଏସ୍ ଅଫିସରଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରିଥିଲେ। ଆଉ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପାଇଁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। କିନ୍ତୁ ସେମାନେ ଜବାବ ଦାଖଲର ୩ମାସ ପରେ ମଧ ସେହି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଏପଟେ ଚଳିତ ଡିସେମ୍ବର ୬ତାରିଖରେ କୁଛେଙ୍କୁ ବିଏସଏଫ ଆଇଜି ଓ ଆଶିଷ ସିଂଙ୍କୁ ଆଇଟିବିପି ଆଇଜି ଭାବେ ନିଯୁକ୍ତି ମିଳିଛି। ଉଭୟ ଅଫିସରଙ୍କୁ ତତ୍କାଳ ରିଲିଭ୍ କରିବାକୁ ମଧ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାର ଉଭୟ ଅଫିସରଙ୍କ ଡେପୁଟେସନ ନିଷ୍ପତ୍ତି ଡିସେମ୍ବର ୬ରେ ନେଇଥିଲେ ମଧ ଗଣମାଧ୍ୟମ ଏକାଦିନରେ ଏହା ଜାଣିବାର ସୁଯୋଗ ପାଇନଥିଲା।

## ରାଜ୍ୟସଭା ଉପନିର୍ବାଚନ ପାଇଁ...

ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂ ଦେଓ, ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାୟକ ଜୟନାରାୟଣ ମିଶ୍ର, ବରିଷ୍ଠ ନେତା ତଥା ପୂର୍ବତନ ବିରୋଧି ଦଳ ନେତା ପ୍ରଦୀପ୍ତ ନାୟକଙ୍କ ସମେତ ଦଳୀୟ ବିଧାୟକ ଓ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୁର୍ନୀତିରେ ଲିପ୍ତ ବିଜେଡିକୁ ପରିତ୍ୟାଗ କରି ଶ୍ରୀ ସୁଜିତ୍ କୁମାର ୬ ସେପ୍ଟେମ୍ବରରେ ବିଜେଡିର ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଥିଲେ।

# ନର୍ଥ ଓଡ଼ିଶା ମିଡିଆ କ୍ଲବର ବାର୍ଷିକ ଉତ୍ସବ: ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଓ

ବାଲେଶ୍ୱର, ୦୯/୧୨: ନର୍ଥ ଓଡ଼ିଶା ମିଡିଆ କ୍ଲବର ବାର୍ଷିକ ଉତ୍ସବ ରବିବାର ଷ୍ଟେସନ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। କବି ଉତ୍ପଳ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ରେମୁଣା ବିଧାୟକ ଗୋବିନ୍ଦ ଦାସ, ବାଲେଶ୍ୱର ବିଧାୟକ ମାନସ ଦତ୍ତ, କବି ପ୍ରଶାନ୍ତ ଦାସ, ମ୍ୟୁନିସିପାଲଟି ଅଧ୍ୟକ୍ଷ ସବିତା ସାହୁ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ସୁବାଷ ଚନ୍ଦ୍ର ପାତ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବ୍ରିଟ୍ ଚେୟାରମ୍ୟାନ ଆଲୋକ ସାହୁ, ନାରୀ ସଂଘ ସଭାପତି ଗୋପାମୁଦ୍ରା ମହାପାତ୍ର ଓ ବିଜେପି ଯୁବନେତା ସତ୍ୟଶିବ ସୁନ୍ଦର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ଲବର ଚେୟାରମ୍ୟାନ୍ 'ଓଡ଼ିଶା ଖବର'ର ସମ୍ପାଦକ ଅମୀୟ ମହାନ୍ତି ଝାଡ଼ଖଣ୍ଡ ହାତୀ ଯେମିତି ନୀଳଗିରି ଜଙ୍ଗଲରେ ପଶିବା ପରେ ତାଙ୍କୁ କେମିତି ଘଉଡ଼ାଯିବ ତାହା ନୀଳଗିରି ଜଙ୍ଗଲ ବିଭାଗ ଚିନ୍ତାରେ ଥାନ୍ତି। ସେହିଭଳି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଘଉଡ଼ାଇବାରେ ସବୁ ସରକାର ବିଫଳ। କିନ୍ତୁ ସଫଳ ହେବା ଦରକାର ଗଣମାଧ୍ୟମରେ ପଶିଆସିଥିବା ବଂଲାଦେଶୀ ଓ ଝାଡ଼ଖଣ୍ଡ




ହାତୀଙ୍କୁ ଅର୍ଥାତ ସାମ୍ବାଦିକ ନାଁରେ ଅଗା, ମଗା, ଖଗାଙ୍କୁ ହଟାଇବାର ଦିନ ଆସିଯାଇଛି। ତେବେ ଯାହାହେଉ ସାଧାରଣ ଲୋକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଥିବା ଦୂରତା ନରଖିବାପାଇଁ ଏଭଳି କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଛି ବୋଲି ନର୍ଥ ଓଡ଼ିଶା ମିଡିଆ କ୍ଲବରେ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଠି ସାଧାରଣ ଲୋକ ପଦବୀ ଓ ମେମ୍ବର ହୋଇପାରିବେ। ଗଣତନ୍ତ୍ରକୁ ସୁରକ୍ଷିତ ରଖିବାପାଇଁ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରକୃତରେ ଲୋକଙ୍କୁ ନ୍ୟାୟ ମିଳିବ ଯେତେବେଳେ ସାମ୍ବାଦିକ ନିରପେକ୍ଷ, ନିର୍ଭିକ ଓ ସତ୍ୟ ସମ୍ବାଦ ପରିବେଷଣ କରିବ। ଏହି ଅବସରରେ ବାଲେଶ୍ୱରର ୪ଜଣ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ମହାପାତ୍ର, କେଶବ ଆଚାର୍ଯ୍ୟ, ପ୍ରଣବ ପଣ୍ଡା ଓ ଗୁରୁପ୍ରସାଦ ବେହେରାଙ୍କୁ କ୍ଲବ ପକ୍ଷରୁ କ୍ଲବରେ ନୂତନଭାବେ ପ୍ରବେଶ କରିଥିବାରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାଛଡ଼ା ଜିଲ୍ଲା ନାରୀ ସଂଘର ସଭାପତି ଗୋପାମୁଦ୍ରା ମହାପାତ୍ର ପ୍ରତିବର୍ଷ ନିର୍ଭିକ ସାମ୍ବାଦିକତା କରୁଥିବା ଜଣିଏ ସାମ୍ବାଦିକଙ୍କୁ ଏକ କମିଟି ଦ୍ୱାରା ବଛାଯାଇ ଏହି କ୍ଲବରେ ତାଙ୍କୁ ୨୦ହଜାର ଟଙ୍କା ସହ ମାନପତ୍ର ଦିଆଯିବବୋଲି ଏକ ବଡ଼ ଘୋଷଣା କରିଥିଲେ। ତେବେ ଏହି କ୍ଲବର ମୁଖ୍ୟ ଆଭିମୁଖ୍ୟ ହେଉଛି ଜନସେବା କରିବା। ଜିଲ୍ଲାର ୨୫୬ଜଣ ମେମ୍ବରଙ୍କୁ ରେଜିଷ୍ଟ୍ରିଭୁକ୍ତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୯ଜଣ ବ୍ୟକ୍ତିଙ୍କୁ ସ୍ୱର୍ଗତ ଅରୁଣ ଦେ,ସମରେନ୍ଦ୍ର କୁଣ୍ଡୁ, ମହେଶ୍ୱର ବାଗ, କବି ବ୍ରଜନାଥ ରଥ, ଲେଖକ ମନୋଜ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାନପତ୍ର ଦିଆଯାଇଥିଲା। ଏହି କ୍ଲବ ପକ୍ଷରୁ ଆର୍ଟ, ଡ୍ରଇଂ ଓ ଡିବେଟ ପ୍ରତିଯୋଗିତାରେ ଭାଗ ନେଇଥିବା ୧୨ଜଣଙ୍କୁ ମାନପତ୍ର ଦିଆଯାଇଥିଲା। ଶେଷରେ ଧନ୍ୟବାଦ ଦେଇଥିଲେ କବି ଉତ୍ପଳ ମହାନ୍ତି।

# ଦେଢ଼ ଶହ କୋଟି ଟଙ୍କା ଟେଣ୍ଡର ପାଇଁ ୧୦ ଲକ୍ଷ ଟଙ୍କାର ଡିଲ ଘଟଣା , ଫୋନ ଟ୍ୟାପିଂରୁ ଧରାପଡିଲେ ତିନି ଅଭିଯୁକ୍ତ

ଭୁବନେଶ୍ୱର, ୯।୧୨(ନିପ୍ର): - ଦେଢ଼ ଶହ କୋଟି ଟଙ୍କା ଟେଣ୍ଡର ପାଇଁ ୧୦ ଲକ୍ଷ ଟଙ୍କାର ଡିଲ ଘଟଣା । ଫୋନ ଟ୍ୟାପିଙ୍ଗରୁ ଧରା ପଡିଛନ୍ତି ତିନି ଅଭିଯୁକ୍ତ । ତିନି ଅଭିଯୁକ୍ତଙ୍କ ମୋବାଇଲ ନମ୍ବରକୁ ଟ୍ୟାପିଙ୍ଗ କରିଥିଲା ସିବିଆଇ । ମୋବାଇଲ ନମ୍ବରକୁ ଟ୍ରାକ କରି ଜୟଦେବ ବିହାର ଅଂଚଳରେ ରେଡ କରିଥିଲା ସିବିଆଇ । ଗତକାଲି ତିନି ଅଭିଯୁକ୍ତକୁ ଗିରଫ କରି ରିମାଣ୍ଡରେ ଆଣିଛି ସିବିଆଇ । ତିନି ଅଭିଯୁକ୍ତଙ୍କ ଅଫିସ ସିଲ୍ କରିଛି ସିବିଆଇ । ଏଠାରେ ସୂଚନାଯୋଗ୍ୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କେନ୍ଦ୍ରୀୟ ସରକାରର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ ଏବଂ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡର ଗ୍ରୁପ୍ ଜେନେରାଲ୍ ମ୍ୟାନେଜର୍ (ଜିଜିଏମ୍ ?)ଙ୍କୁ ଏକ ଘରୋଇ କମ୍ପାନୀର ନିର୍ଦ୍ଦେଶକ ଏବଂ ଅନ୍ୟ ଏକ ବ୍ୟକ୍ତି ସହିତ ୧୦ ଲକ୍ଷ ଟଙ୍କା ଲାଂଚ ମାମଲାରେ ଗିରଫ କରିଥିଲା। ସିବିଆଇ ୭ ଡିସେମ୍ବର, ୨୦୨୪ ରେ ଏହି ମାମଲାରେ ଜିଜିଏମ୍ ?, ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର ନିର୍ଦ୍ଦେଶକ, ଅନ୍ୟ ଏକ ବ୍ୟକ୍ତି ଏବଂ ଅଜ୍ଞାତ ସରକାରୀ ଓ ଘରୋଇ ବ୍ୟକ୍ତିମାନେ ଲାଂଚ ଏବଂ ବିଲ୍ ମଂଜୁରୀ କରିବାକୁ ଦେଇ ଏହି ମାମଲା ଆରମ୍ଭ କରିଛି ।ଅଭିଯୁକ୍ତ ଜିଜିଏମ୍ ୬ ଡିସେମ୍ବର, ୨୦୨୪ ରେ ଭୁବନେଶ୍ୱରର ତାଙ୍କର କାର୍ଯ୍ୟାଳୟରେ ଘରୋଇ କମ୍ପାନୀର ନିର୍ଦ୍ଦେଶକ ଠାରୁ ୧୦ ଲକ୍ଷ ଟଙ୍କା ଲାଂଚ ଦାବି କରିଥିଲେ। ଏହାର ପ୍ରତି ବଦଳରେ, ଜିଜିଏମ୍ ଏହି ପରିମାଣକୁ ଭବିଷ୍ୟତ ଓ୍ୱିଲିଙ୍ଗ୍ ମଧ୍ୟମରେ ସମାଯୋଜିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ସିବିଆଇ ଜାଲ ବିଛାଇଥିଲା ଏବଂ ୭ ଡିସେମ୍ବର, ୨୦୨୪ ରେ ଜିଜିଏମ୍ କୁ ୧୦ ଲକ୍ଷ ଟଙ୍କା ଲାଂଚ ନେବା ବେଳେ ଗିରଫ କରାଯାଇଥିଲା । ଲାଂଚର ରାଶି ଜିଜିଏମ୍ ଠାରୁ ଜବତ କରାଯାଇଛି, ଏବଂ ଅନ୍ୟ ଏକ ବ୍ୟକ୍ତି କୁ ଗିରଫ କରାଯାଇଛି, ଯିଏ ଏହି ଦେଣ ନେଣ ପ୍ରକ୍ରିୟାରେ ସହାୟକ ଏବଂ ସହଯୋଗୀ ଥିଲେ।

# ଖୋଲୁନି ଧାନମଣ୍ଡି ପଶ୍ଚିମବଙ୍ଗ : ବେପାରୀ ମାଲେମାଲ

ଜଳେଶ୍ୱର ୯/୧୨(ନିପ୍ର) ଖୋଲୁନି ଧାନ ମଣ୍ଡି,ଅଧା ଦରରେ ପଶ୍ଚିମବଙ୍ଗ ବ୍ୟବସାୟୀ ଙ୍କୁ ବିକ୍ରୀ କରିବାକୁ ବାଧ ହେଉଛନ୍ତି ଉତ୍ତର ବାଲେଶ୍ୱର ଅଞ୍ଚଳର ହଜାର ହଜାର ଚାଷୀ ସରକାର ଚାଷୀଙ୍କ ଠାରୁ ୩୧ ଶହ ଟଙ୍କାରେ ଧାନ କିଣିବେ ବୋଲି ଘୋଷଣା କରିଛନ୍ତି, ସେଥିପାଇଁ ସରକାରୀ ଧାନ ମଣ୍ଡିରେ ଚାଷୀ ପଞ୍ଜିକରଣ କରିଛନ୍ତି ମାତ୍ର ଧାନ ଅମଳ ସରିବାକୁ ବସିଲାଣି ବର୍ତ୍ତମାନ ପର୍ଯ୍ୟନ୍ତ ମଣ୍ଡି ଖୋଲି ନଥିବାରୁ ଅଧା ଦରରେ ପଶ୍ଚିମବଙ୍ଗ ବ୍ୟବସାୟୀ ଙ୍କୁ ବିକ୍ରୀ କରିବାକୁ ବାଧ ହେଉଛନ୍ତି ଅଞ୍ଚଳର ଚାଷୀ। ଉତ୍ତରରୁ ଦକ୍ଷିଣ ପୂର୍ବ ରୁ ପଶ୍ଚିମ ସବୁ ଠାରେ ? ଧାନ ମଣ୍ଡି ସମସ୍ୟା,ଅମଳ ସରିଥିଲେ ମଧ ସରକାରୀ ମଣ୍ଡି ଖୋଲୁ ନଥିବାରୁ ସରକାରଙ୍କୁ ଧାନ ବିକ୍ରି କରି ନପାରି ପଶ୍ଚିମବଙ୍ଗ ଦଲାଲ ଏବଂ ବ୍ୟବସାୟୀ ଙ୍କୁ ଅଧା ଦରରେ ଧାନ ବିକ୍ରି କରୁଥିବା ଦେଖିବାକୁ



ମିଳିଛି,ସରକାର ଚାଷୀମାନଙ୍କ ଠାରୁ ୩୧ ଶହ ଟଙ୍କାରେ ଧାନ କିଣିବେ ବୋଲି ଘୋଷଣା କରିଛନ୍ତି,ମାତ୍ର ମଣ୍ଡି ଖୋଲିବା ପାଇଁ ବିଳମ୍ବ କରୁଛନ୍ତି, ଯାହାର ? ଫାଇଦା ନେଉଛନ୍ତି ପଶ୍ଚିମବଙ୍ଗ ବ୍ୟବସାୟୀ ଏବଂ ଦଲାଲ, ଉତ୍ତର ବାଲେଶ୍ୱରରେ ନଭେମ୍ବର ମାସରୁ ଧାନ ଅମଳ ଆରମ୍ଭ ହୋଇଥାଏ, ନିଜର ଅମଳକ୍ଷମ ଧାନକୁ ସରକାରଙ୍କୁ ବିକ୍ରୀ କରିବା ପାଇଁ ଅଗଷ୍ଟ ମାସରୁ ପଞ୍ଜିକରଣ କରି ସାରିଛନ୍ତି, ସରକାର ମଧ ନଭେମ୍ବର ତୃତୀୟ ସପ୍ତାହରୁ ଧାନ କିଣିବେ ବୋଲି ଘୋଷଣା କରିଥିଲେ,ମାତ୍ର ଅଦ୍ୟାବଧି ମଣ୍ଡି ଖୋଲି ନାହିଁ,ସହଳ ସହଳ ଧାନ ବିକ୍ରି କରିବା ଲକ୍ଷ୍ୟ ରଖିଥିଲେ ମାତ୍ର ଖୋଲି ନଥିବାରୁ ସମସ୍ୟା ଭୋଗୁଛନ୍ତି,ଆଉ ଯାହାର ଫାଇଦା ନେଉଛନ୍ତି ଦଲାଲ, ଚାଷୀଙ୍କ ଠାରୁ ୧୬ ଶହ ୧୭ ଶହ ଟଙ୍କାରେ ଧାନ କିଣୁଛନ୍ତି କହିଛନ୍ତି ଚାଷୀ।- ବାଲେଶ୍ୱର ଜିଲ୍ଲା ବର୍ତମାନ ୯୦ ପ୍ରତିଶତ ଧାନ ଅମଳ ସରିଛି, ଚାଷୀ ମାନେ ମଣ୍ଡି ରେ ଧାନ ବିକ୍ରି କରିବାକୁ ଅନାଇ ରହିଛନ୍ତି,ମାତ୍ର ବିଳମ୍ବିତ ମଣ୍ଡି ଖୋଲ ଏବଂ ଏଫ୍ ଏ କ୍ୟୁ ମାନର ଧାନ କିଣିବା ପାଇଁ ସରକାର ଏବଂ ମିଲ ମାଲିକ କହିଛନ୍ତି,କିନ୍ତୁ ବସ୍ତା ଅଞ୍ଚଳରେ ପାଣିପାଗ ସମସ୍ୟା ପାଇଁ ଏହି କିସମର ଧାନ ଅମଳ ହୋଇ ନଥିବାରୁ କିପରି ଧାନ ସରକାରଙ୍କୁ ବିକ୍ରୀ କରିବେ ସେହି ଚିନ୍ତାରେ ରହିଛନ୍ତି, ଜଳେଶ୍ୱର ବ୍ଲକର କୌଣସି ଚାଷୀଙ୍କ ମୋବାଇଲ କୁ କୌଣସି ମେସେଜ ଆସି ନଥିବାରୁ ମଣ୍ଡି ଖୋଲିବାର ବିଳମ୍ବ ହୋଇ ପାରେ ବୋଲି କହିଛନ୍ତି ଅନେକ ସୋସାଇଟି ସଭାପତି, ଚାଷୀ ମାନଙ୍କରଧାନ ବିକ୍ରିରେ ମିଲର ଧାନ କିଣାରେ ଅବ୍ୟବସ୍ଥା,କଟନି ଛଟନି ଏବଂ ସରକାରଙ୍କ ଏବଂ ଏ କ୍ୟୁ ମାନର ଧାନ କ୍ରୟ ଘୋଷଣା ଯୋଗୁଁ ଅନେକ ଚାଷୀ ଖୋଲାରେ ଧାନ ବିକ୍ରି ପାଇଁ ବାଧ ହେବକୁ ପଡୁଛି ଚାଷୀ ଙ୍କ ଠାରୁ ଧାନ କିଣିବା ପାଇଁ ସରକାର ଶିଘ୍ର ମଣ୍ଡି ଖୋଲିବା ସହିତ ଜଳେଶ୍ୱର ଅଞ୍ଚଳର ଧାନର ମାନକୁ ଲକ୍ଷ ରଖି କୌଣସି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ଜଳେଶ୍ୱର ଅଞ୍ଚଳରେ ଅନେକ ଚାଷୀ ।

# ଚକୁରାଇରେ ଚଢାଉ:ମଦ ଜବତ,୨ ବେପାରୀ ଗିରଫ

ବସ୍ତା,୯।୧୨(ନିପ୍ର): ବସ୍ତା ଅବକାରୀ ବିଭାଗ ଆଜି ଚଢାଉ କରି ମଦ ଜବତ ସହ ଜଣେ ମହିଳା ଓ ଜଣେ ଯୁବକ ଙ୍କୁ ଗିରଫ କରିଥିବା ଜଣା ଯାଇଛି ।ସୂଚନାରୁ ପ୍ରକାଶ ଯେ ଚୋରା ମଦ କାରବାର ହେଉଥିବା ଖବର ପାଇ ଅବକାରୀ ପୁଲିସ ଅଧିକାରୀ ଗଙ୍ଗା ମଣି ହେମ୍ବ୍ରମ ଓ ଏଏସ୍ଆଇ ଦିଲ୍ଲୀପ ଟୁଡୁ ସଦଳବଳେ ବସ୍ତା ବ୍ଲକର ଧୋବା ଚକୁରାଇ ଗାଁ ରେ ଚୋରା ମଦ ବେପାରୀ ପଞ୍ଚାନନ୍ ମୁର୍ମୁଙ୍କୁ ଗିରଫ କରିବା ସହିତ ୬୦ ଲିଟର ଚୋରା ଦେଶୀ ମଦ ଜବତ କରିଛନ୍ତି ।ସେହିପରି ବାସୁ ଚକୁରାଇ ରେ ୨୫ ଲିଟର ଚୋରା ଦେଶୀ ମଦ ଜବତ୍ ସହ ଅଭିଯୁକ୍ତ ମହିଳା ରୁକ୍ମଣି ବେହେରା ଙ୍କୁ ଗିରଫ କରିଛନ୍ତି ।ପରେ ଦୁଇ ଅଭିଯକ୍ତଙ୍କ ବିରୋଧରେ ଯଥାକ୍ରମେ କେଶ ନଂ୧୩୩/୨୪-୨୫ ଓ ୧୩୪/୨୪ ମାମଲା ରୁଜୁ ସହ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଦିଲ୍ଲୀର ୪୦ରୁ ଅଧିକ ସ୍କୁଲକୁ ବୋମାରେ ଉଡାଇବାକୁ ଧମକ

ନୂଆଦିଲ୍ଲୀ, ୯।୧୨ - ଜାତୀୟ ରାଜଧାନୀ ଦିଲ୍ଲୀର ପ୍ରାୟ ୪୦ରୁ ଅଧିକ ସ୍କୁଲକୁ ବୋମାରେ ଉଡାଇବାକୁ ଧମକ ମିଳିଛି । ପୋଲିସ ମୁତାବକ, ସୋମବାର ଇମେଲ ଜରିଆରେ ସ୍କୁଲକୁ ବୋମାରେ ଉଡାଇବାକୁ ଧମକ ଦିଆଯାଇଛି । ଦିଲ୍ଲୀ ପବ୍ଲିକ ସ୍କୁଲ, ପଶ୍ଚିମ ବିହାରର ଜିଡି ଗୋୟନକା ପବ୍ଲିକ ସ୍କୁଲ ମଦର ମେରୀ ସ୍କୁଲ, ବ୍ରିଟିଶ ସ୍କୁଲ, ସଲଓ୍ୱାନ ପବ୍ଲିକ ସ୍କୁଲ, କେମ୍ବ୍ରିଜ ସ୍କୁଲକୁ ଉଡାଇବାକୁ ଧମକ ମିଳିଛି । ସମସ୍ତ ସ୍କୁଲରେ ସ୍ଥାନୀୟ ପୋଲିସ ବ୍ୟତୀତ ଡଗ ସ୍କ୍ୱାର୍ଡ, ବୋମା ନିରୋଧକ ଟିମ ଓ ଦମକଳ ବାହିନୀ ପହଂଚିଛନ୍ତି । ଦିଲ୍ଲୀ ପୋଲିସ ମୁତାବକ ଇ-ମେଲରେ ଲେଖାଯାଇଛି ଯେ- ମୁଁ ସ୍କୁଲ ବିଲ୍ଡିଂ ଭିତରେ ଅନେକ ବୋମା ଲଗାଇଛି । ବୋମା ବହୁତ ଛୋଟ ଅଟେ ଏବଂ ବହୁତ ଭଲ ଭାବେ ଲୁଚାଯାଇଛି । ଏହାଦ୍ୱାରା ବିଲ୍ଡିଂ ବିଶେଷ କ୍ଷତିଗ୍ରସ୍ତ ହେବନି, କିନ୍ତୁ ବୋମା ଫାଟିଲେ ଅନେକ ଲୋକ ଆହତ ହେବେ । ଯଦି ମୋତେ ୩୦,୦୦ ଡଲାର ନମିଳିବ ତେବେ ମୁଁ ବୋମା ବିସ୍ଫୋରଣ ଘଟାଇବି ।

# ବିଶ୍ୱର ବିଶେଷଜ୍ଞ ଏବଂ ନିବେଶକ ଭାରତରେ ବିନିଯୋଗ ପାଇଁ ଉତ୍ସାହିତ:ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ ୯ ଡିସେମ୍ବର (ହି.ସ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ରାଜଧାନୀ ଜୟପୁରର ପ୍ରଦର୍ଶନୀ ଏବଂ ସମ୍ମେଳନ କେନ୍ଦ୍ର (ଜେଇସୀସୀ)ରେ ରାଇଜିଙ୍ଗ ରାଜସ୍ଥାନ ଗ୍ଲୋବାଲ ଇନଭେଷ୍ଟମେଂଟ ସମ୍ମିଳନୀ -୨୦୨୪ର ଉଦଘାଟନ କରିଛନ୍ତି ।ପ୍ରଧାନମନ୍ତ୍ରୀ ଉଦଘାଟନ ସମାରୋହରେ କହିଥିଲେ ଯେ ଆଜି ସାରା ବିଶ୍ୱରୁ ବିଶେଷଜ୍ଞ ଏବଂ ନିବେଶକମାନେ ଭାରତରେ ପୁଞ୍ଜି ବିନିଯୋଗ କରିବାକୁ ଉତ୍ସାହିତ ଅଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ରିଫାର୍ମ,ପରଫାର୍ମ ଏବଂ ଟ୍ରାନ୍ସଫାର୍ମ ମନ୍ତ୍ର ଅନୁସରଣ କରି ଭାରତ ଯେଉଁ ବିକାଶ ହାସଲ କରିଛି ତାହା ପ୍ରତ୍ୟେକ କ୍ଷେତ୍ରରେ ଦୃଶ୍ୟମାନ ହେଉଛି ।ସ୍ୱାଧୀନତା ପରେ ସାତ ଦଶନ୍ଧି ମଧ୍ୟରେ ,ଭାରତ ବିଶ୍ୱର ୧୧ତମ ବୃହତ୍ତମ ଅର୍ଥନୀତି ହେବାକୁ ସକ୍ଷମ ହୋଇଥିବାବେଳେ ଗତ ୧୦ ବର୍ଷ ମଧ୍ୟରେ ଭାରତ ୧୧ତମ ଅର୍ଥନୀତିରୁ ବିଶ୍ୱର ୫ତମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି ।ସେ କହିଛନ୍ତି ଯେ ଭାରତର ସଫଳତା ଗଣତନ୍ତ୍ର,ଜନସଂଖ୍ୟା ,ଡିଜିଟାଲ ତଥ୍ୟ ଏବଂ ବିତରଣର ପ୍ରକୃତ ଶକ୍ତିକୁ ପ୍ରଦର୍ଶନ କରୁଛି। ବର୍ତ୍ତମାନ ଶତାବ୍ଦୀକୁ ଟେକ୍ନୋଲୋଜୀ ଏବଂ ତଥ୍ୟର ଶତାବ୍ଦୀ ଭାବରେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଭାରତ ଦର୍ଶାଇଛି ଯେ ଡିଜିଟାଲ ଟେକ୍ନୋଲୋଜିର ବିମୁଦ୍ରୀକରଣ ଦ୍ୱାରା ପ୍ରତ୍ୟେକ କ୍ଷେତ୍ର ଏବଂ ବର୍ଗ କିପରି ଉପକୃତ ହେଉଛନ୍ତି ।ଭାରତର ୟୁପିଆଇ ଏବଂ ଡୀବୀଟୀ ଯୋଜନା ସହିତ ଏହିପରି ଅନେକ ପ୍ଲାଟଫର୍ମ ଡିଜିଟାଲ ଭିତ୍ତିଭୂମିର ଶକ୍ତି ଦେଖାଏ।

# ବାଂଲାଦେଶରେ ନରସଂହାର ଆଶଙ୍କା କଲା ଇସ୍କନ

କୋଲକାତା, ୯ ଡିସେମ୍ବର - ଇଂଟରନ୍ୟାସନାଲ ସୋସାଇଟି ଫର୍ କୃଷ୍ଣା କନସସନେସ ବାଂଲାଦେଶରେ ହିନ୍ଦୁ ସମୁଦାୟର ନରସଂହାରର ଆଶଙ୍କା ଜାହିର କରିଛି । ଏହାସହିତ ସଙ୍ଗଠନ ଭାରତ ପାଖରେ ବାଂଲାଦେଶ ଉପରେ କଡା କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛି, ଯଦ୍ୱାରା ପରିସ୍ଥିତି ଉପରେ କାବୁ ଅଣାଯାଇପାରିବ । ସଙ୍ଗଠନର ବରିଷ୍ଠ ଅଧିକାରୀ ଚେତାବନୀ ଦେଇଛନ୍ତି ଯେ, ଯଦି ବାଂଲାଦେଶରେ ପରିସ୍ଥିତି ସମ୍ଭଳାନଯିବ ତେବେ ବଡଧରଣର ନରସଂହାର ହୋଇପାରେ । ଇସ୍କନ-କୋଲକାତା ତଥା ପ୍ରବକ୍ତା ରାଧାରମଣ ଦାସ ରବିବାର ସନ୍ଧ୍ୟାରେ ଏହି ବୟାନ ଦେଇଛନ୍ତି । ଦାସ କହିଛନ୍ତି ଯେ, ବାଂଲାଦେଶରେ କଠୋରପନ୍ଥୀ ଲୋକେ ଇସ୍କନ ଅନୁଗାମୀଙ୍କ ବିରୁଦ୍ଧରେ ଘୃଣା ବିସ୍ତାର କରୁଛନ୍ତି । ସେ କହିଛନ୍ତି ଯେ, ଅନେକ ଭିଡିଓ ସାମ୍ନାକୁ ଆସିଛି,ଯେଉଁଥିରେ କଠୋରପନ୍ଥୀ ସାଧାରଣ ଲୋକଙ୍କୁ ଉସକାଉଛନ୍ତି ଯେ, ଇସ୍କନ ଏକ କ୍ୟାନସର ଅଟେ, ଯାହାକୁ କାଟିକରି ଶେଷ କରାଯାଇପାରିବ । ଇସ୍କନର ଅନୁଗାମୀଙ୍କୁ ଶେଷ କରିବାକୁ ସେମାନେ ପ୍ରେରଣା ଦେଉଛନ୍ତି ।

ମଙ୍ଗଳବାର, ଡିସେମ୍ବର ୧୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସାମ୍ବାଦିକଙ୍କ ମାତୃ ବିୟୋଗ

ବସ୍ତା୯।୧୨(ନିପ୍ର)ବସ୍ତାବ୍ଲକ ବସ୍ତା ପ୍ରତିନିଧି ବ୍ରଜମୋହନ ମିଶ୍ରଙ୍କ ମା ବାସନ୍ତୀ ମିଶ୍ର ଙ୍କର ଗତ ରବିବାର ଭୋର ୪ଟା ସମୟରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା। ସ୍ୱର୍ଗତା ମିଶ୍ର ହେଉଛନ୍ତି ବସ୍ତା ବ୍ଲକ ଅନ୍ତର୍ଗତ ମାଛରଙ୍କା ଗ୍ରାମର ବିଶିଷ୍ଟ ପ୍ରାବନ୍ଧିକ, ପ୍ରବଚକ, ଯୋଗାଚାର୍ଯ୍ୟ ବଂଶୀଧର ମିଶ୍ର ଙ୍କର ସହଧର୍ମିଣୀ ।ସେ ଜଣେ ଅତ୍ୟନ୍ତ ଦରଦୀ ତଥା ଧର୍ମପରାୟଣା ମହିଳା, ତାଙ୍କର ଧର୍ମ ଶାସ୍ତ୍ର ତଥା ସଂସ୍କୃତି ଉପରେ ଜ୍ଞାନ ରହିଥିଲା । ସେ ମଧ ବିଭିନ୍ନ ଅନୁଷ୍ଠାନ ତଥା ସମ୍ବାଦ ସାହିତ୍ୟ ଘର, ବଂଶୀଧର ପାଠାଗାର ସମେତ ବହୁ ଅନୁଷ୍ଠାନ ସହିତ ଜଡିତ ଥିଲେ ।ତାଙ୍କର ଶେଷ କୃତ୍ୟ ପୁରୀ ସ୍ୱର୍ଗ ଦ୍ୱାର ରେ ହୋଇଥିଲା ।ତାଙ୍କର ସାନ ପୁଅ ବିଶ୍ୱମୋହନ ମୁଖାଗ୍ନି ଦେଇଥିବା ବେଳେ, ମଝିଆ ପୁଅ ବ୍ରଜମୋହନ, ବଡ଼ ପୁଅ ଡା ପ୍ରଦୀପ, ଜ୍ୱାଇଁ ପ୍ରଫେସର ନିରଞ୍ଜନ ଶୁକ୍ଳ, ନାତି ସଂଜିତ ରଥ ସମେତ ବିଭୁଦତ୍ତ କର, ସୌମ୍ୟ କାନ୍ତ କର ଏବଂ ନାତୁଣୀ ଉପାସନା ପ୍ରଭୃତି ଉପସ୍ଥିତ ଥିଲେ ।ତାଙ୍କର ଶେଷ ଦର୍ଶନ ପାଇଁ ସିଂଲା ସ୍ଥିତ ବାସଭବନରେ ସାହିତ୍ୟ ଘର ର ସମ୍ପାଦକ ଅଧାପକ ନିରଞ୍ଜନ ବେହେରା, ସିଂଲା ସରପଞ୍ଚ ବିପିନ ବିଶ୍ୱାଳ, ସାହିତ୍ୟ ଘର ସଦସ୍ୟ ସଦସ୍ୟା, ଔଷଧ ବ୍ୟବସାୟୀ ସଂଘ ର କର୍ମକର୍ତା ରାମନାରାୟଣ ପାତ୍ର, ସଂଜୀବ ସାହୁ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ହୋଇ ଥିଲେ । ତାଙ୍କର ମୃତ୍ୟୁରେ ସିଂଲା ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।



# ବସ୍ତା ଡ଼ାକ୍ତରଖାନାରେ ରୋଗୀଙ୍କୁ ଦୁର୍ବ୍ୟବହାର : ଥାନାରେ ମାମଲା

ବସ୍ତା ୮/୧୨(ନିପ୍ର): ବସ୍ତା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କ ରୋଗୀଙ୍କ ପ୍ରତି ଦୁ୍ର୍ବ୍ୟବହାର ଦିନକୁ ଦିନ ବଢିବାରେ ଲାଗୁଛି । ଏନେଇ ବାରମ୍ବାର ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ର ର ଭାରପ୍ରାପ୍ତ ଅଧିକାରୀ ଡା ଦେବବ୍ରତ ଜେନାଙ୍କ ନିକଟରେ ରୋଗି ମାନେ ଅଭିଯୋଗ କରି ଆସୁଥିଲେ ମଧ୍ୟ ସେଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ବିଭିନ୍ନ ବିଭାଗରେ ଥିବା ଡାକ୍ତରମାନଙ୍କର ଆକ୍ରୋସର ଶିକାର ହେଉଛନ୍ତି ନିରିହ ରୋଗୀମାନେ । ତେବେ ପୁଣି ଗତ ୬ତାରିଖ ଦେବସେନା ସଂଗଠନର ଜିଲ୍ଲା ଅଧ୍ୟକ୍ଷ ଶଙ୍କର କୁମାର ଜେନା ଚିକିତ୍ସା ପାଇଁ ବସ୍ତା ଡାକ୍ତର ଖାନାରେ ଭର୍ତ୍ତି ହେବା ପାଇଁ ଯାଇ କାଉଣ୍ଟରରୁ ଟିକଟ କାଟି ଡାକ୍ତର ଙ୍କୁ ସାକ୍ଷାତକରି ଥିଲେ । ତାଙ୍କର ପେଟ ବ୍ୟଥା ହେଉଥିବାରୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହେବା ପାଇଁ ଚାହୁଁ ଥିଲେ କିନ୍ତୁ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ସିଦ୍ଧାର୍ଥ ଶଙ୍କର ଜେନାଙ୍କ ରୋଗୀ ଶଙ୍କରଙ୍କୁ ଦୁର୍ବ୍ୟବହାରର ପ୍ରଦର୍ଶନ କରିବା ସହିତ କାଉଣ୍ଟରରୁ ଟିକଟକୁ ଚିରି ଫୋପାଡି ଦେଇଥିଲେ । ତୁମକୁ ଚିକିତ୍ସା କରାଯିବନି ତୁମେ ବାଲେଶ୍ୱର ବଡ ଡାକ୍ତରଖାନାକୁ ଚାଲିଯାଅ । ଶିଘ୍ର ଚେମ୍ବରରୁ ବାହାରିଯାଅ ନହେଲେ ସିକ୍ୟୁରିଟି ଡାକି ଧକ୍କାମାରି ବାହାର କରିଦେବି ବୋଲି ପ୍ରକାଶ କରିଥିଲେ । ଏହି ଘଟଣାପରେ ଶ୍ରୀ ଜେନା ମାନସିକ ସ୍ତରରେ ଭାର ସାମ୍ୟ ହରାଇଥିଲେ। ତେବେ ଡାକ୍ତରଙ୍କ ରୋଗୀ ମାନଙ୍କ ପ୍ରତି ଏହି ହିନ ମାନସିକତା ପ୍ରଦର୍ଶନ ସର୍ବସାଧାରଣରେ ନିନ୍ଦା କରାଯାଉଛି । ଅପରପକ୍ଷେ ଅନ୍ୟ ଉପାୟ ନପାଇ ଜିଲ୍ଲା ଅଧ୍ୟକ୍ଷ ଶଙ୍କର ଜେନା ଘରକୁ ଫେରି ଆସିଥିଲେ ଆଜି ସକାଳେ ଉକ୍ତ ଡାକ୍ତର ସିଦ୍ଧାର୍ଥ ଶଙ୍କର ଜେନାଙ୍କ ଦୁର୍ବ୍ୟବହାର ବିରୁଦ୍ଧରେ ବାଲେଶ୍ୱର ମୂଖ୍ୟ ଚିକିତ୍ସା ଅଧିକାରୀ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ତେବେ ବସ୍ତା ଭାରପ୍ରାପ୍ତ ଅଧିକାରୀ ଡା ଦେବବ୍ରତ ଜେନାଙ୍କୁ ଯୋଗଯୋଗ କରିବାରୁ ସେ କୁହନ୍ତି ମୋ ପାଖକୁ ଅଭିଯୋଗ ଆସିନାହି। ଅଭିଯୋଗ ଆସିଲେ ନିଶ୍ଚିନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।



# ସୁବ୍ରମଣ୍ୟମ ସ୍ୱାମୀଙ୍କ ଆବେଦନ ଉପରେ ଆଲାହାବାଦ ହାଇକୋର୍ଟରେ ଜାନୁଆରୀ ୧୭ ରେ ପରବର୍ତ୍ତୀ ଶୁଣାଣି

ପ୍ରୟାଗରାଜ, ୯/୧୨ : (ହି.ସ.)- ଭାଜପା ନେତା ଡଃ. ସୁବ୍ରମଣ୍ୟମ ସ୍ୱାମୀ ଉତର ପ୍ରଦେଶ ସରକାରଙ୍କ ୨୦୧୭ ରେ ସେହି ନିଷ୍ପତିକୁ ଆଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଛନ୍ତି । ଯେଉଁଥିରେ ସରକାର ଦ୍ୱାରା ରାଜ୍ୟରେ ମନ୍ଦିର ସହିତ ଜଡ଼ିତ ମେଳା ଓ ଉତ୍ସବର ପରିଚାଳନା ନିଜ ହାତକୁ ନେବାର ନିଷ୍ପତି ନିଆଯାଇଛି । ଆଜି ଏହି ମାମଲାର ଶୁଣାଣି ସମୟରେ ସୁବ୍ରମଣ୍ୟମ ସ୍ୱାମୀଙ୍କ ଅଧିବକ୍ତାଙ୍କ ଅନୁରୋଧ ଉପରେ ମୁଖ୍ୟ ବିଚାରପତି ଅରୁଣ ଭଂସାଲି ଏବଂ ବିଚାରପତି ବିକାଶ ବୁଧବାରଙ୍କ ଖଣ୍ଡପୀଠ ଆବେଦନର ଶୁଣାଣି ଜାନୁଆରୀ ୧୭ ତାରିଖ ପର୍ଯ୍ୟନ୍ତ ଘୁଂଚାଇଛନ୍ତି । ଏହି ଆବେଦନ ଉପରେ ପରବର୍ତୀ ଶୁଣାଣି ଜାନୁଆରୀ ୧୭ ତାରିଖରେ କରିବେ କୋର୍ଟ ।

# ମହାରାଜ ବୈକୁଣ୍ଠ ନାଥ ଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର

ବାଲେଶ୍ୱର,୦୯।୧୨(ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାଣିଖମ୍ବ ରାଜବାଟୀ ଛକ ବାଲେଶ୍ୱର ମହାରାଜା ବୈକୁଣ୍ଠ ନାଥ ଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର ସଭାପତି ସୁଜିତ ଦେବଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାର ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିର ଫିତା କାଟି ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବ୍ରିଟ ଚେୟାରମେନ ଆଲୋକ କୁମାର ସାହୁ , ସମ୍ମାନୀୟ ଅତିଥି ଭାବେ ଜିଲ୍ଲାପରିଷଦ ର ଅଧକ୍ଷ ଶ୍ରୀଯୁକ୍ତ ନାରାଣ କୁମାର ପ୍ରଧାନ, ନାରୀ ସମିତିର ଅଧକ୍ଷା ଗୋପାମୁଦ୍ରା ମହାପାତ୍ର, ସମାଜ ସେବୀ ଆଶ୍ରିତା ତରେଇ, କମିଟି ଉପସଭାପତି ରଶ୍ମି ରେଖା ଦେବ, ବିଜେପି ଯୁବ ନେତା ଗୌରାଙ୍ଗ ଦାସ, କାଉନସିଲର ପଦ୍ମଲୋଚନ ଲେଙ୍କା ଉପସ୍ଥିତ ଥିଲେ। ସଭାପତି ସୁଜିତ୍ ଦେବ କହିଲେ ଯେ ବୈକୁଣ୍ଠ ନାଥ ରାଜା ଜଣେ ଜନ କଲ୍ୟାଣ କାରି ରାଜା ଥିଲେ। ସେ ବହୁତ ମନ୍ଦିର ସ୍କୁଲ କଲେଜ ଓ ବିଭିନ୍ନ ଅନୁଷ୍ଠାନ ଗଢିଥିଲେ ଓ ତାଙ୍କର ଦାନ ଅତୁଳନୀୟ। ତେଣୁ ତାଙ୍କ ସ୍ମୃତି ଲୋକଙ୍କ ପାଖରେ ପହଞ୍ଚେଇବା ପାଇଁ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ମୁଖ୍ୟ ଅତିଥି ମାନସ କୁମାର ଦତ୍ତ ତାଙ୍କ ବକ୍ତବ୍ୟ ରେ କହିଥିଲେ ଯେ ରକ୍ତ ଦାନ ମହତ୍ ଦାନ ଏହି ରକ୍ତ ମଣିଷକୁ ମୃତ୍ୟୁ ମୁଖରୁ ବଞ୍ଚାଉଛି ତେଣୁ ଆମେ ସମସ୍ତେ ସ୍ୱେଚ୍ଛା ସେବକ ସଂଗଠନ ପ୍ରତ୍ୟେକ ଲୋକଙ୍କୁ ରକ୍ତଦାନ କରି ପୂର୍ଣ୍ୟ ଅର୍ଜନ କରିବା ପାଇଁ କହିବା ସଙ୍ଗେ ସଙ୍ଗେ ଓ ଏହି ବୈକୁଣ୍ଠ ନାଥ ସ୍ମୃତି କମିଟି ସ୍ୱେଚ୍ଛା ସେବୀ ଆୟୋଜନ କରିଥିବାରୁ ଧନ୍ୟବାଦ୍ ଜଣାଇଥିଲେ। ଏହି ରକ୍ତଦାନ ଶିବିର ରେ ୧୫୦ ରୁ ୨୦୦ ଜଣ ରକ୍ତଦାନ କରିବେ ବୋଲି ସଭାପତି କହିଥିଲେ । ଏହି ରକ୍ତଦାନ ଶିବିର କୁ ସୁରଜ୍ କାନ୍ତ ରଣା, ଗୋବିନ୍ଦ ଚନ୍ଦ୍ର ଦ୍ୱିବେଦୀ, ରାମ ନାରାୟଣ ଦେ, ହରିହର ମହାରଣା, ସୁଦର୍ଶନ ମାଝି, ସଞ୍ଜୟ ଭୂଷଣ କର, ସଞ୍ଜୟ ବାରିକ , ସମ୍ଭୁ କର ଅନନ୍ତ ତରେଇ, ପାଙ୍କୋଜ ଦାସ କରୁଣା କର ସେନାପତି ଓ ବହୁ ବୁଦ୍ଧିଜୀବୀ ଓ ଯୁବ ଗୋଷ୍ଠୀ, ସମାଜ ସେବୀ ପ୍ରମୁଖ ପରିଚାଳନା କରିଥିଲେ।



# କାଳିମନ୍ଦିର ଯୋଗ କେନ୍ଦ୍ର ତରଫରୁ ହେବାକୁ ଯାଉଛି ନିଶୁଳ୍କ ଯୋଗ କର୍ମଶାଳା

ବାଲେଶ୍ୱର,୦୯।୧୨(ନି.ପ୍ର): ନୂଆ ଲୋକ ତଥା ସଠିକ ଭାବରେ ଯୋଗ ଅଭ୍ୟାସ ନକରି ଯୋଗରୁ ଲାଭ ପାଇ ପାରୁ ନଥିବା ଓ ବିଭିନ୍ନ ଦୁଃସାଧ ରୋଗରେ ପିଡିତ ନିରାଶ ଯୋଗ ପ୍ରେମୀ ମାନଙ୍କ ପାଇଁ କାଳିମନ୍ଦିର ଯୋଗ କେନ୍ଦ୍ର ତରଫରୁ ଆସନ୍ତା ଡିସେମ୍ବର ୨୯ ତାରିଖ ରୁ ୩୧ତାରିଖ ପର୍ଯ୍ୟନ୍ତ ସକାଳ ଅମୃତ ବେଳାରୁ (୫,୩୦ ରୁ ୭,୩୦) ଆରମ୍ଭ ହେବାକୁଥିବା ନିଶୁଳ୍କ ବିଶେଷ ଯୋଗ କର୍ମଶାଳା ଯାହାକି ଆୟୁଷ୍ମାନ କଲ୍ୟାଣ ମଣ୍ଡପ ଗୋପାଳଗାଁ ଠାରେ ଅନୁଷ୍ଠିତ ହେବ ସେଥିରେ ଭାଗ ନେବାକୁ ଇଚ୍ଛୁକ ପବିତ୍ର ଆତ୍ମାଙ୍କୁ ୨୬ ତାରିଖ ମଧ୍ୟରେ କାଗଜରେ ନିଜର ନାମ ଠିକଣା ମୋବାଇଲ ନମ୍ବର ଦସ୍ତଖତ ଦେଇ କେନ୍ଦ୍ରର ଉପ ସଭାପତିଙ୍କ ଠାରେ ପଞ୍ଜୀକରଣ କରାଇବାକୁ ଅନୁରୋଧ। ଯୋଗାଯୋଗ ୯୪୩୭୯୬୫୮୭୪ ପ୍ରକାଶ ଥାଉକି ଏଥିରେ ମୋଟ ୧୦୧ଜଣ ନୂଆ ଲୋକ ଭାଗ ନେଇ ପାରିବେ।

# ତୁରନ୍ତ ଧାନମଣ୍ଡି ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ



ନୀଳଗିରି-୯/୧୨(ନି.ପ୍ର): ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ବାଲେଶ୍ୱର ସମେତ ନୀଳଗିରିରେ ତୁରନ୍ତ ଧାନମଣ୍ଡି ଖୋଲିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପତ୍ର ଲେଖିଛନ୍ତି। ଧାନ କ୍ୱିଣ୍ଟାଲ ୧୬ଶହ ଓ ୧୭ଶହ ଟଙ୍କାରେ ବେଙ୍ଗଲ ବେପାରୀ ଓ ସ୍ଥାନୀୟ ଦଲାଲ ମାନଙ୍କୁ ଚାଷୀ ଅଭାବୀବିକ୍ରି କରୁଥିବା ଶ୍ରୀଯୁକ୍ତ ଷଡ଼ଙ୍ଗୀ ଅଭିଯୋଗ କରିଥିବା ବେଳେ ମିଲରଙ୍କ ଏଜେଣ୍ଟ ଏଥିରେ ସାମିଲଥିବା ଉଲ୍ଲେଖ କରିଛନ୍ତି। ତେବେ ଜିଲ୍ଲାପ୍ରଶାସନ ଆଗାମୀ ଡିସେମ୍ବର ୨୭ତାରିଖରେ ଧାନମଣ୍ଡି ଖୋଲିବାକୁ ପୂର୍ବନିଷ୍ପତି ଅନୁଯାୟୀ ଘୋଷଣା ହୋଇଥିବା ବେଳେ ଏହା ପୂର୍ବରୁ ଚାଷୀଙ୍କୁ ଟୋକନ୍ ପ୍ରଦାନ ସହ ମଣ୍ଡି ନ ଖୋଲିଲେ ଚାଷୀ ଅଭାବୀ ବିକ୍ରିକରିବାକୁ ବାଧହେବ। ତେଣୁ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଗୁରୁତ୍ୱପ୍ରଦାନ କରି ତୁରନ୍ତ ମଣ୍ଡି ଖୋଲିବାକୁ ଦାବୀ ରଖିଛନ୍ତି।

# ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୪୦ ୟୁନିଟ୍ ରକ୍ତ ସଂଗ୍ରହ



ବସ୍ତା : ୯।୧୨(ନିପ୍ର) ରୂପସା ଆମ୍ବଗଡ଼ିଆ ବିକାଶ ପରିଷଦ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଭଗବାନପୁର ନୂତନ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିର କୁ ପୂର୍ବତନ ଅର୍ଥ ପରାମର୍ଶ ଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀ ଛୋଟରାୟ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଶିବିରକୁ ରିବନ୍ କାଟି ଉଦ୍ଘାଟନ କରି ବା ସହିତ ଜଗନ୍ନାଥଙ୍କ ଫଟୋଚିତ୍ର ପୁଷ୍ପମାଲ୍ୟ ଅର୍ପଣ କରି ଶୁଭାରମ୍ଭ କରିଥିଲେ । ବାଲେଶ୍ୱର ଜିଲ୍ଲାର ରକ୍ତଭଣ୍ଡାର ଅଧିକାରୀ ଡ଼ ବସନ୍ତ ଉପାଧ୍ୟାୟ ଏବଂ ତାଙ୍କର ସହଯୋଗୀ ଅବିନାଶ ବେହେରା ପ୍ରଥମେ ରକ୍ତଦାନ କରି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥଲେ। ପରେ ଏହି ରକ୍ତଦାନ ଶିବିର ରେ ରକ୍ତଦାନ କରିବା ସହ ଏକ ବୈଠକ ଆୟୋଜନ ହୋଇଥିଲା, ପ୍ରଥମେ ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟଙ୍କ ଦ୍ୱାରା ବେଦ ପାଠ ପରେ, ସ୍ୱାଗତ ନୃତ୍ୟ ସାଇଶ୍ରୀ ମହାପାତ୍ର ପରିବେଷଣ କରିଥିଲେ।, ଆମ୍ବଗଡ଼ିଆ ବିକାଶ ପରିଷଦ ର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ଡ଼ ତପନ କୁମାର ବେହେରା, ବରେଣ୍ୟ ଅତିଥି ଭାବରେ ଭଗବାନପୁର ଗ୍ରାମର ପ୍ରତିଷ୍ଠାତା ଭଗବାନ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସେନା ଅଧିକାରୀ ଭୀମଚରଣ ମାଝୀ, ଅଧାପକ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ସୁବାଷ ଚନ୍ଦ୍ର ମହାପାତ୍ର, ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳଚନ୍ଦ୍ର ସାହୁ, ପୂର୍ବତନ କୃଷି ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର, ବରିଷ୍ଠ ରେଳ ବିଭାଗର ପୂର୍ବତନ ଅଧିକାରୀ ଫିରୋଜ୍ ଖାନ୍ ଯୋଗଦେଇ ବର୍ତ୍ତମାନ ସମାଜରେ ରକ୍ତଦାନ ଆବଶ୍ୟକ କେତେ ଅଛି ଓ ରକ୍ତଦାନ କରିବା ଦ୍ୱାରା କିପରି ଜଣେ ମାନବ ସୁସ୍ଥ ରହିବ ସେ ବିଷୟରେ ମତାମତ ପ୍ରଦାନ କରିଥଲେ। ରେମୁଣା ବ୍ଲକ୍ ମାଟ୍ରିକ ପରୀକ୍ଷା ରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ହର୍ଷିତା ଜେନା, ୧୫ ବର୍ଷ ରୁ କମ୍ କ୍ରିକେଟ ରେ ଓଡ଼ିଶା କୁ ପ୍ରତିନିଧିତ୍ୱ କରିଥିବା ରୋମି ପ୍ରଲିପ୍ତା ମଲ୍ଲିକ ଇତ୍ୟାଦି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ରକ୍ତଦାନ ଶିବିରକୁ ନୀଳମଣି ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧାପକ ଗୌରାଙ୍ଗ ପଣ୍ଡା ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଶିବିରକୁ ପରିଚାଳନା କରିଥିଲେ । ଏହି ଶିବିରରେ ହୀରାପୁର ସରକାରୀ ବିଦ୍ୟାଳୟର ଶିକ୍ଷକ ଜଗଦୀଶ ବ୍ରହ୍ମଚାରୀ, ଛାତ୍ର ଦିବ୍ୟରଞ୍ଜନ ପ୍ରଧାନ, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ସୁବାଶିଷ ମହାନ୍ତି, ମଂଗ୍ଲେଶ ମଗ୍ନମ୍ ଇତ୍ୟାଦି ସହାୟତା କରିଥିଲେ, ଉପଦେଷ୍ଟା କରୁମୁର୍ମୁ, ବିକାଶ ପରିଷଦ ର ସମ୍ପାଦକ କୁଳ ମହାନ୍ତ, କମଳାକାନ୍ତ ସାହୁ, ରତିକାନ୍ତ ପାତ୍ର, ଚନ୍ଦନ ବାସ୍କେ, ଲକ୍ଷ୍ମଣ ସେଠୀ, ଉପେନ୍ଦ୍ର ପ୍ରଧାନ, ଅବିନାଶ ବେହେରା, ଯୋଗେଶ୍ୱର ବେହେରା, ସୁରେନ୍ଦ୍ର ଦାସ ଇତ୍ୟାଦି ବିକାଶ ପରିଷଦର ସଦସ୍ୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ଏହି ଶିବିରରେ ୪୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶେଷରେ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ, ପରେ ସୁଦର୍ଶନ ମହାପାତ୍ର, ଲବଙ୍ଗ ଲତା ବେହେରା, ରଞ୍ଜିତ କୁମାର ଜେନା ଓ ଚକ୍ରଧର ମହାପାତ୍ରଙ୍କ ପରିଚାଳନା କରିଥିଲେ ।

# ବ୍ରଜନାଥ ବଡ଼ଜେନା ସାହିତ୍ୟ ପରିଷଦର ଚତୁର୍ଥ ବାର୍ଷିକୀ ବନ୍ଧୁମିଳନ ଓ ପୁସ୍ତକ ଉନ୍ମୋଚନ



ଢେଙ୍କାନାଳ,୦୯।୧୨(ନି.ପ୍ର): ରବିବାର ଦିନ ବ୍ରଜନାଥ ବଡ଼ଜେନା ସାହିତ୍ୟ ପରିଷଦ ଢେଙ୍କାନାଳର ଚତୁର୍ଥ ବାର୍ଷିକୀ ବନ୍ଧୁମିଳନ ଓ କବିତା ଆସର 'ସମ୍ପର୍କର ନଦୀତୀରେ' ଓଡାପଡା ବ୍ଲକସ୍ଥ ନାଧରା ରାମଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ କବିତା ଆସର 'ବ୍ରାହ୍ମଣୀ'ର ସଭାପତିତ୍ୱ କରିଥିରେ ବରିଷ୍ଠ ସାରସ୍ୱତ ସାଧକ ପଣ୍ଡିତ ଶ୍ରୀ ବିପିନ ବିହାରୀ ଶତପଥୀ । ସଂଯୋଜନାରେ ଥିଲେ ଦେବୀପ୍ରସାଦ ନାୟକ, ରଶ୍ମିତା ନାୟକ, ପୁରୁଷୋତ୍ତମ ସିଂହସାମନ୍ତ ଓ ଲୀଳାବତୀ ପରିଡା । କବିତା ଗୁଡିକୁ ସମୀକ୍ଷା କରିଥଲେ କବି ବିନୟ କୁମାର ସାମଲ । ଦ୍ୱିତୀୟ ପର୍ଯ୍ୟାୟରେ ପରିଷଦର ସଭାପତି କବିଜ୍ୟୋତି ନିରଞ୍ଜନ ପତି ସଭାପତିତ୍ୱ କରିଥିଲେ । ସମ୍ପାଦକ କବି ରାହାସ କୁମାର ବେହେରା ଅନ୍ୟାନ୍ୟ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବା ସହିତ ପରିଷଦର ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସାରସ୍ୱତ ସାଧକ ଶ୍ରୀଯୁକ୍ତ ଶଙ୍କର୍ଷଣ ଶତପଥୀ, ପ୍ରାଧାପକ ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସାହିତ୍ୟ ଓ ତାର ଅଭିରୁଚି ,ଆମ ସଂସ୍କୃତିରେ ଶ୍ରୀ ଜଗନ୍ନାଥ ବିଷୟରେ ସୁନ୍ଦର ଭାବେ ନିଜର ମତ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ଡ଼. ସଦାନନ୍ଦ ପରିଡା ଓଡ଼ିଆ ସାହିତ୍ୟ ଓ ମାତୃଶକ୍ତି ବିଷୟରେ ନିଜର ବଳିଷ୍ଠ ଅଭିବ୍ୟକ୍ତି ରଖିଥଲେ । ମୁଖ୍ୟ ଅତିଥି ଭାବେ ପ୍ରଫେସର ଶାନ୍ତନୁ ସର ଆମ ଭାଷା ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ସୁନ୍ଦର ବକ୍ତବ୍ୟ ରଖିଥିଲେ । ତତ୍ପରେ କବି ଦେବୀପ୍ରସାଦ ନାୟକଙ୍କ ଶିଶୁ କିଶୋର କବିତା ପୁସ୍ତକ' ସେଲୁନ ପାଖେ ବେଲୁନ ବାଲା' ଓ ଶ୍ରୀମତୀ ଶ୍ରଦ୍ଧାଞ୍ଜଳୀ ନାୟକଙ୍କ 'ସିଲଟ' ର ଉନ୍ମୋଚନ ହୋଇଥିଲା । ଆଜିର କବିତା ଆସରରେ କବି ବିନୟ କୁମାର ସାମଲ, କବିଜ୍ୟୋତି ନିରଞ୍ଜନ ପତି, ରାହାସ କୁମାର ବେହେରା, ଶ୍ରୀ ରମେଶ ଚନ୍ଦ୍ର ସାହୁ, ମଦନ ମୋହନ ମିଶ୍ର, ପଣ୍ଡିତ ବିପିନ ବିହାରୀ ଶତପଥୀ, ମଧୁସ୍ମିତା ରାଉତ, ଅନିମା ପରିଡା, ପ୍ରଭାତୀ ନଳିନୀ ଦାଶ, ତୁଷାର ମିଶ୍ର, ଦୁର୍ଯୋଧନ ସାହୁ,ରଶ୍ମିତା ରାଉତ, ଦେବୀ ପ୍ରସାଦ ନାୟକ, ସ୍ନିଗ୍ଧାରାଣୀ ନାୟକ,ତପନ କୁମାର ବିଶ୍ୱାଳ, ବିରଞ୍ଚି ନାରାୟଣ ହୋତା, ଶ୍ରଦ୍ଧାଞ୍ଜଳି ନାୟକ, କମଳ ଦାଶ, କାଦମ୍ବରୀ ମହାଖୁଡ଼, ଅକ୍ଷୟ ରାଜହଂସ, ବୈକୁଣ୍ଠ ବିହାରୀ ସ୍ୱାଇଁ, ବିପ୍ଳବୀ ନି ଜେନା, ପ୍ରେମାନନ୍ଦ ପାଣିଗ୍ରାହୀ ଓ ଦୁର୍ଯ୍ୟୋଧନ ବେହେରା ଆଦି ନିଜର କବିତା ପାଠ କରିଥିଲେ। ପ୍ରେମାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାରସ୍ୱତ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ





କଟକ,୦୯।୧୨(ନି.ପ୍ର):ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ,'ସାରସ୍ୱତ ସାହିତ୍ୟ ସଂସଦ'ର ବାର୍ଷିକ ଉତ୍ସବ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଶିଷ୍ଟ ରମ୍ୟରଚନା ଲେଖକ ଡକ୍ଟର ନାରାୟଣ ମହାନ୍ତି ଅଧକ୍ଷତା କରିଥିବା ବେଳେ ବିଶିଷ୍ଟ ପ୍ରାବନ୍ଧିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ସମ୍ମାନିତ ବକ୍ତା, ବିଶିଷ୍ଟ ସାରସ୍ୱତ ସାଧକ ଜଗବନ୍ଧୁ ମିଶ୍ର ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକା ତଥା ଔପନ୍ୟାସିକା ଡକ୍ଟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦେଶ ଓ ବିଶ୍ୱର ବର୍ତ୍ତମାନ ପରିସ୍ଥିତି, ସାମାଜିକ ସମସ୍ୟା ଓ ଆଗାମୀ ଦିନର ଆହ୍ୱାନକୁ ନେଇ ସାହିତ୍ୟ ସର୍ଜନା ହେବା ଉଚିତ୍ ବୋଲି ସମ୍ମାନନୀୟ ବକ୍ତା ଓ ଅତିଥିମାନେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ମିଶ୍ର ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ସ୍ୱଦେଶୀ ଭାବନା, ବୀରରସ ଓ ଦେଶଭକ୍ତିର ପୁନଃଜାଗରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଡକ୍ଟର ନାରାୟଣ ମହାନ୍ତି ସାହିତ୍ୟ ସର୍ଜନାରେ ଶୁଦ୍ଧତା ଆଣିବାକୁ ପ୍ରୁଫ ସଂଶୋଧନ ମହତ୍ତ୍ୱପୂର୍ଣ୍ଣ ବୋଲି କହିଥିଲେ । ରମ୍ୟ-ବ୍ୟଙ୍ଗ ସାହିତ୍ୟିକ ରାଧାଶ୍ୟାମ ରାଉଳ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ କବି ପ୍ରସନ୍ନ କୁମାର ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ ଛଳରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ବିପିନ ବିହାରୀ ରାଉତ ସାହିତ୍ୟ ସଂସଦର ଆଭିମୁଖ୍ୟ ଓ ଉପଲବ୍ଧି ବର୍ଣ୍ଣନା କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ଏବଂ ବନ୍ଦେ ଉତ୍କଳ ଜନନୀ ଗାନରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଂସଦର ଯୁଗ୍ମ ସମ୍ପାଦକ ଡକ୍ଟର ନିରୋଦ କୁମାର ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଏଥିରେ ଆଡଭୋକେଟ୍ ଘାସିରାମ ବର୍ମା, ପ୍ରତିଭା ପ୍ରିୟ ଦର୍ଶନୀ,ପ୍ରଜ୍ଞା ପରିମିତା ଆଚାର୍ଯ୍ୟ, ସୁନୀଲ ଦ୍ୱିବେଦୀ, ସବ୍ୟସାଚୀ ଜେନା, ପ୍ରଚେତ କୁମାର ମିଶ୍ର, ରଶ୍ମିରଞ୍ଜନ ଶତପଥୀ ଓ ସୁଶାନ୍ତ କୁମାର ଦାସ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, କବି ଅମୀୟ ରଞ୍ଜନ ମହାପାତ୍ର, ବ୍ରହ୍ମାନନ୍ଦ ବିଶ୍ୱାଳ, ମୁରଲୀଧର ଶତପଥୀ, ରାଜୀବଲୋଚନ ଷଡ଼ଙ୍ଗୀ, ପ୍ରେମଚାନ୍ଦ୍ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର କୋଷାଧକ୍ଷ ଶ୍ରୀ ସରୋଜ କାନ୍ତ ପାଇଟାଲ ।

# ବିଶିଷ୍ଟ ସମାଜସେବୀ ଭାନୁଚରଣ ଦାସଙ୍କ ପରଲୋକ

ଲଙ୍ଗଳେଶ୍ୱର ୯/୧୨( ନି ପ୍ର ) ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ବଡାପାଳ ଗ୍ରାମର ବିଶିଷ୍ଟ ସମାଜସେବୀ ରାଜନେତା ଭାନୁ ଚରଣ ଦାସଙ୍କ ସୋମବାର ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ଶହେରୁ ଅଧିକ ବର୍ଷ ହୋଇ ଥିଲା। ସେ ସ୍ୱର୍ଗତ ରାଜନେତା ସମରେନ୍ଦ୍ର କୁଣ୍ଡୁ ଓ ସ୍ୱର୍ଗତ ରାଜନେତା ଗଦାଧର ଗିରିଙ୍କ ସେ ଘନିଷ୍ଠ ସହଯୋଗୀ ଥିଲେ।ତାଙ୍କର ବଡ଼ ପୁଅ ସନ୍ତୋଷ କୁମାର ଦାସ ମୁଖାଗ୍ନି ଦେଇ ଥିବା ବେଳେ ଅନ୍ୟ ପୁଅ ଝିଅ, ବନ୍ଧୁ ବାନ୍ଧବ, ପାଖ ପଡୋଶୀ ପ୍ରମୁଖ ଉପସ୍ଥିତ ଥିଲେ।ବରିଷ୍ଠ ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ଅସ୍ତି ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ, ସମିତି ସଦସ୍ୟା ହରପ୍ରିୟା ପାତ୍ର, କିଶୋର କୁମାର ପାତ୍ର, ରବୀନ୍ଦ୍ର ନାଥ ଦାସ, ସାମ୍ବାଦିକ ରାଧାକୃଷ୍ଣ ଜେନା ପ୍ରମୁଖ ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।

# ସାମାଜିକ ସୁରକ୍ଷାରୁ ବଂଚିତ ଭିନ୍ନକ୍ଷମ ମହିଳା 'ଛିତା'



ଉଦଳା, ୦୯/୧୨(ନି.ପ୍ର)- ଯେ ହେଉଛି ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ଅଦାପାଳ ଗ୍ରାମର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ସୁନାରାମ ହାଁସଦାଙ୍କ ସହଧର୍ମିଣୀ ଛିତା ହାଁସଦା ଜଣେ ଭିନ୍ନକ୍ଷମ ମହିଳା ଭାବରେ ଦିର୍ଘ ବର୍ଷ ଧରି ଦିନ ବିତାଉଛନ୍ତି । ଶ୍ରବଣଶକ୍ତି ହରାଇ ବସିଥିବା ଯୋଗୁଁ ସେ ନାହିଁନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଡ଼ାକ୍ତର ତାଙ୍କୁ ୫୦ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ତେବେ ସାମାଜିକ ସୁରକ୍ଷା ଯୋଜନାରେ ଭିନ୍ନକ୍ଷମଙ୍କୁ ମିଳୁଥିବା ଭତା ଓ ଶ୍ରବଣଯନ୍ତ୍ରଟିଏ ପାଇବା ପାଇଁ ଛିତା ବାରମ୍ବାର ଗୁହାରି ଜଣାଉଥିଲେ ମଧ କେହି କର୍ଣ୍ଣପତ କରୁନଥିବାର କଥା ସେ ଜଣାଇଛନ୍ତି। ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida